ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK पर्यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.50 Bhubaneswar Thursday, March 31, 2022 | ୨୫ତମ ବର୍ଷ ସଂଖ୍ୟା-୫୦ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS





ନୂଆଦିଲ୍ଲୀର ଯନ୍ତରମନ୍ତର ଠାରେ ୱାର୍କିଂ ଜୋନାଲିଷ୍ଟ ଅଫ୍ ଇଣ୍ଡିଆ ଦ୍ୱାରା ଅନୁଷ୍ଠିତ ସାମ୍ବାଦିକମାନଙ୍କର ମହାସମାବେଶ କାର୍ଯ୍ୟକ୍ରମରେ ଡବ୍ଲ୍ୟୁଜେଆଇର ସଭାପତି ଅନୁପ୍ ଚୌଧୁରୀ, ଉପସଭାପତି ସଞ୍ଜୟ ଉପାଧ୍ୟାୟ, ମହାସଚିବ ନରେନ୍ଦ୍ର ଭଣ୍ଡାରୀ ଓ ପ୍ରତିନିଧି ମଣ୍ଡଳ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ

## ବିଧାନସଭାରେ ୨ଲକ୍ଷ କୋଟିର ଲେଖାନୁଦାନ ଓ ୪ମାସର କାମଚଳା ବଜେଟ୍ ଉପସ୍ଥାପିତ

ଭୁବନେଶ୍ୱର,୩୦ ।୩(ପି.ଏନ): ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମୋଟ୍ ୨ଲକ୍ଷ କୋଟି ଟଙ୍କାର ଲେଖାନୁଦାନ ବଜେଟକୁ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାରେ ଉପସ୍ଥାପନ କରିବା ସହ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ପ୍ରଥମ ୪ମାସ ନିମନ୍ତେ ୧ଲକ୍ଷ ୬ହଜାର ୪୯୮କୋଟି ଟଙ୍କାର କାମଚଳା ବଜେଟକୁ ଅନୁମୋଦନ ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ୨୦୨୧-୨୨ରେ ରାଜ୍ୟ ବଜେଟର ଆକାର ୧.୭୦ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୨-୨୩ରେ ଏହା ୧୭.୬% ବୃଦ୍ଧି ପାଇ ୨ଲକ୍ଷ କୋଟି ଟଙ୍କାରେ ପହଂଚିଛି । କରୋନା ମହାମାରୀ ଯୋଗୁ ବ୍ୟାକଫୁଟକୁ ଚାଲି ଯାଇଥିବା ରାଜ୍ୟ ଅର୍ଥନୀତି ପୁଣିଥରେ ଟ୍ରାକକୁ ଫେରିଛି ଓ ଅର୍ଥନୀତିରେ ଦ୍ରୁତ ସୁଧାର ଆସି ୨୦୨୨-୨୩ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ୯ରୁ ୯.୫% ରହିବ ବୋଲି ଆକଳନ କରାଯାଇଛି । ପଂଚାୟତ ଓ ପୌର ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ଯୋଗୁଁ ବାର୍ଷିକ ବଜେଟ୍ ଆଗତ ସମ୍ଭବପର ନଥିବାରୁ ସରକାର ପ୍ରାୟ ୧.୦୬ଲକ୍ଷ କୋଟି ଟଙ୍କାର ୪ମାସିଆ କାମଚଳା ବଜେଟ୍ ଆଗତ କରି ଆସନ୍ତାକାଲି ଏହାକୁ ବ୍ୟୟମଞ୍ଜୁରୀ ବିଲ୍ ଆକାରରେ ଗୃହରେ ପାରିତ କରାଇବେ । ବଜେଟରେ ଆର୍ଥିକ ଅଭିବୃଦ୍ଧି, ଭିତ୍ତିଭୂମି ଉନ୍ନୟନ, ବିକାଶ ଓ ପୁଞ୍ଜିନିବେଶକୁ ପ୍ରାଥମିକତା ଦିଆଯାଇଛି । ଖଣି କ୍ଷେତ୍ରରୁ ପ୍ରାୟ ୪୮୨୦୦କୋଟି ଟଙ୍କାର ଅଣଟିକସ ରାଜ୍ୟ ଅର୍ଥନୀତି ପାଇଁ ସଞ୍ଜିବନୀ ହୋଇଛି ଓ ଏହା ହିଁ ରାଜ୍ୟର ନିଜସ୍ୱ ଟିକସ ପରିମାଣ ବୃଦ୍ଧିରେ ସହାୟକ ହୋଇଛି ।ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ରାଜ୍ୟ ବଜେଟର ୫୮ ପ୍ରତିଶତ ନିଜସ୍ୱ ରାଜସ୍ୱରୁ ପୂରଣ ହୋଇପାରୁଛି ।



ଉତ୍ତମ ଆର୍ଥିକ ଓ ସଠିକ୍ ବିତ୍ତୀୟ ପରିଚାଳନା ଯୋଗୁ କେନ୍ଦ୍ରୀୟ ସହାୟତା ଉପରେ ନିର୍ଭରଶୀଳତା ପୂର୍ବ ତୁଳନାରେ ହ୍ରାସ ପାଇଛି । ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରଶାସନିକ ଖର୍ଚ୍ଚ ୮୯,୬୨୦କୋଟି, କାର୍ଯ୍ୟକ୍ରମ ଖର୍ଚ୍ଚ ୧ଲକ୍ଷ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ ୩୨୧୦କୋଟି, ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିବା ଅର୍ଥରୁ ଖର୍ଚ୍ଚ ୭୧୭୦କୋଟିର ବଜେଟ୍ ଆକଳନ ହୋଇଛି । ଏଥିରୁ ଏପ୍ରିଲରୁ ଜୁଲାଇ ମାସ ପର୍ଯ୍ୟନ୍ତ ୪ମାସ ପାଇଁ ୧ଲକ୍ଷ ୬ହଜାର ୪୯୮କୋଟି ଟଙ୍କାର ଲେଖାନୁଦାନ ଆଗତ କରାଯାଇଛି । କାର୍ଯ୍ୟକ୍ରମର ଖର୍ଚ୍ଚ ପରିମାଣ ଗତବର୍ଷ ତୁଳନାରେ ୨୫ହଜାର କୋଟି ବୃଦ୍ଧି ପାଇଁ ମୋଟ ୧ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଏଥିରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ର ପାଇଁ ୨୩୯୪୭କୋଟି ଟଙ୍କା, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧୨୨୪୧କୋଟି ଟଙ୍କା, କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୨୦୩୪୪କୋଟି ଟଙ୍କା , ଅନୁସୂଚିତ ଜାତି ଓ ଜନଜାତି ପାଇଁ ଚିହ୍ନିତ ଯୋଜନା ନିମନ୍ତେ କାର୍ଯ୍ୟକ୍ରମ ବ୍ୟୟ ୩୩୨୦୩କୋଟି ଟଙ୍କା, ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ପାଇଁ ୮୨୫୫କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ବଜେଟ୍ ଏକ ରାଜସ୍ୱ ବଳକା ଓ ବିତ୍ତୀୟ ନିଅଣ୍ଟିଆ ବଜେଟ । ୨୦୨୨-୨୩ ଆର୍ଥିକ ବର୍ଷରେ ଏଫଆରବିଏମ୍ ଆକ୍ଟ ଅନ୍ତର୍ଗତ ବିତ୍ତୀୟ ନିଅଂଟ ରାଜ୍ୟ ଜିଡିପିର ୩ ପ୍ରତିଶତ ରହିଥିବାବେଳେ ୧୯୬୧୭.୫୮କୋଟି ଟଙ୍କାର ରାଜସ୍ୱ ବଳକା ଆକଳନ ହୋଇଛି ।୨୦୨୨-୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣବୋଝ ୧ଲକ୍ଷ ୧୦ହଜାର ୪୦୦କୋଟି ଟଙ୍କାକୁ ଛୁଇଁବ, ଯାହାକି ରାଜ୍ୟ ଜିଡିପିର ୧୫.୩୫% । ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୨୪୫୮୯କୋଟି ଟଙ୍କାର ଋଣ ଆଣିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିରେ ଭାରତ ସରକାରଙ୍କଠୁ ୫୨୮୦କୋଟି, ଏଲଆଇସି, ଜିଆଇସି ଓ ନାବାର୍ଡ ଆଦିଠୁ ୧୭୦୫୦କୋଟି, ଖୋଲା ବଜାରରୁ ୨୨୫୯କୋଟି ଟଙ୍କାର ଋଣ ସାମିଲ ଅଛି ।୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୨ଲକ୍ଷ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ହୋଇଥିବାବେଳେ ସେଥିରେ ଦରମା, ପେନସନ ଓ ରାଜସ୍ୱ ବ୍ୟୟ ପାଇଁ ୬୨.୭୫ ପ୍ରତିଶତ ଅର୍ଥାତ ୧୨୫୫୦୧.୬୮କୋଟି ଟଙ୍କା ବରାଦ ହୋଇଛି । ପୁଞ୍ଜି କ୍ଷେତ୍ର ପାଇଁ ୪୦୦୧୦କୋଟି ଟଙ୍କା ରହିଥିବାବେଳେ ଋଣ ଓ ସୁଧ ପରିଶୋଧରେ ୨୨୪୬୭କୋଟି ଟଙ୍କା ବ୍ୟୟ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ମୋଟ ରାଜସ୍ୱ ପ୍ରାପ୍ତି ୧ଲକ୍ଷ ୬୩ହଜାର ୯୬୭କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବାବେଳେ ଏଥିରୁ କର୍ମଚାରୀଙ୍କ ଦରମା ଓ ପେନସନ ବାବଦରେ ୪୭,୪୬୯କୋଟି ଟଙ୍କା ଖର୍ଚ୍ଚ ହେବ । କର୍ମଚାରୀଙ୍କ ଦରମାରେ ୨୯୨୪୮କୋଟି ଓ ପେନସନରେ ୧୮୨୨୧କୋଟି ଟଙ୍କା ରହିଛି । ଖଣି ରାଜସ୍ୱ, ରାଜ୍ୟ ଜିଏସଟି ଓ ବିକ୍ରିକର ଯୋଗୁ ରାଜ୍ୟର ଟିକସ ସଂଗ୍ରହ ପରିମାଣରେ ସୁଧାର ଆସିଛି ।ସେହିପରି ବଜେଟରେ ୨୦୨୪ ମସିହା ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ପାଣି ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି । ସେହିପରି କାଳିଆ ଯୋଜନାରେ ୧୮୭୪ କୋଟି ଟଙ୍କା, ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ୧୦୩୯କୋଟି ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୭୭୩କୋଟି ଟଙ୍କା, ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୧୭୬କୋଟି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୮୬୪କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ପାଇଁ ୨୩୩୫କୋଟି ଟଙ୍କା ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ୨୫୦କୋଟି, ବସୁଧା ଯୋଜନାରେ ୨୨୫୫କୋଟି, ବିଜୁ ସେତୁ ଯୋଜନାରେ ୧୬୮୮କୋଟି, ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୬୭୫କୋଟି, ଅଭଡା ଯୋଜନାରେ ୧୪୦୮କୋଟି, ବିଜୁ ଏକ୍ସପ୍ରେସ ୱେ ପାଇଁ ୩ଶହ କୋଟି, ସମଲେଶ୍ୱରୀ ପୀଠର ବିକାଶ ପାଇଁ ୨ଶହ କୋଟି, ରାଜ୍ୟରେ ମୋଟ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି ଓ ଆଗାମୀ ଦିନରେ ବର୍ଷକୁ ପ୍ରାୟ ୨ହଜାର ଏମବିବିଏସ୍ ଡାକ୍ତର ଛାତ୍ରଛାତ୍ରୀ ସ୍ନାତକ ଡିଗ୍ରୀ ହାସଲ କରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏକ ନୂତନ ଓଡିଶା-ସଶକ୍ତ ଓଡିଶା ନିର୍ମାଣ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବା ସହ ରାଜ୍ୟରେ ଉନ୍ନତି ଓ ପ୍ରଗତିର ଏକ ନୂଆ ଯୁଗର ସୂତ୍ରପାତ ନିମନ୍ତେ ନିରବଚ୍ଛିନ୍ନ ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

## ବିଧାନସଭାରେ ପୁଣି ଉଠିଲା ଖଣି ଦୁର୍ନୀତି ପ୍ରସଙ୍ଗ : ଖଣି ଦୁର୍ନୀତି ଉପରେ ଆଲୋଚନା ପାଇଁ ଅନୁମତି ଦେବାରେ ପଛଘୁଂଚା କାହିଁକି - ବିଜେପି

ଭୁବନେଶ୍ୱର, ୩୦ ।୩(ପି.ଏନ): ବିଧାନସଭାରେ ବୁଧବାର ଦିନ ପୁଣି ଥରେ ଖଣି ଦୁର୍ନୀତି ପ୍ରସଙ୍ଗ ଉଠିଛି । ଖଣି ଦୁର୍ନୀତି ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରା ଯାଉଥିବା ବେଳେ କେବେ ହେଲେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁମତି ଦିଆ ଯାଇ ନ ଥିବାକୁ ଉଭୟ ବିରୋଧୀ ବିଜେପି କଂଗ୍ରେସ ଟାର୍ଗେଟ କରିଛନ୍ତି । ଶୂନ୍ୟ କାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ କହିଥିଲେ ଯେ ଖଣି ଦୁର୍ନୀତି ସମ୍ପର୍କରେ ଆଲୋଚନା କରିବାକୁ କଂଗ୍ରେସ ଦଳ ପକ୍ଷରୁ ଅଣା ଯାଇଥିବା ମୁଲତବୀ ପ୍ରସ୍ତାବ ନୋଟିସକୁ ବାଚସ୍ପତି କାଲି ଅସ୍ୱୀକାର କରି ଦେଇଥିଲେ । ଏହା ବର୍ତ୍ତମାନର ପ୍ରସଙ୍ଗ ନୁହେଁ ବୋଲି କହି ସେ ଅସ୍ୱୀକାର କରିଥିଲେ ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରୀ ମାଝୀ କହିଛନ୍ତି ଯେ ଖଣି ଦୁର୍ନୀତି ଅତୀତର ପ୍ରସଙ୍ଗ ନୁହେଁ ବରଂ ପ୍ରତି ଦିନ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି । ଏଥି ପାଇଁ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଖଣି ମାଲିକ ମାନେ ଖଣିଜ ସମ୍ପଦକୁ ନିମ୍ନ ମାନର ବୋଲି ଦର୍ଶାଇ ସରକାରଙ୍କୁ ଠକୁ ଛନ୍ତି ଓ ଶହ ଶହ କୋଟି ଟଙ୍କା ଲାଭ କରୁଛନ୍ତି । ଏହା ଗତ କାଲି ହେଉଥିଲା, ଆଜି ମଧ୍ୟ ହେଉଛି । ବାଚସ୍ପତି ଏହାକୁ ବର୍ତ୍ତମାନର ବିଷୟ ନୁହେଁ ବୋଲି ଖାରଜ କରିବା ଠିକ ନୁହେଁ ବୋଲି ସେ କହିଛନ୍ତି । କିନ୍ତୁ ଏହା ଦୁର୍ଭାଗ୍ୟର ବିଷୟ ଯେ ଯେତେବେଳେ ମଧ୍ୟ ଏହି ପ୍ରସଙ୍ଗ ବିଧାନସଭାରେ ଉଠା ଯାଉଛି ସେତେବେଳେ ଏହା ଉପରେ ଆଲୋଚନା ହେବାକୁ ଦିଆ ଯାଉ ନାହିଁ । ତେଣୁ କାହା ଚାପରେ ଏହି ଆଲୋଚନା କରିବାକୁ ରୋକା ଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି ଗତ କାଲି ଖଣି ଦୁର୍ନୀତି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ନୋଟିସ ଆଣିଥିବା କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ମଧ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ କାଗଗଡାରେ ଠିଆ କରାଇଥିଲେ । ସେ କହିଥିଲେ ଯେ ଏହି ବିଧାନସଭା ଗଠିତ ହୋଇ ତିନି ବର୍ଷ ହେବାକୁ ଯାଉଛି ହେଲେ ଥରେ ହେଲେ ଖଣି ଦୁର୍ନୀତି ସମ୍ପର୍କରେ ଆଲୋଚନା କରିବାକୁ ଦିଆଯାଉ ନାହିଁ । ଏଇଥି ପାଇଁ ସରକାର ଖଣି ମାଲିକଙ୍କ ଚାପରେ କାମ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ବୋଲି ସେ କହିଛନ୍ତି ।

## ଅଳକା ନା ଦୀପାଳି, କାହାକୁ ବାଛିବେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୩୦ ।୩(ପି.ଏନ): ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ ପରେ ଖାଲି ପଡିଛି ବ୍ରଜରାଜନଗର ବିଧାନସଭା ଆସନ। କିଶୋର ମହାନ୍ତି ବିଜେଡି ଟିକେଟ୍‌ରେ ଏଠାରୁ ଜିତିଥିଲେ। ଏଣୁ ଦଳ ଉପନିର୍ବାଚନ ପାଇଁ ଏଠାରୁ କାହାକୁ ପ୍ରାର୍ଥୀ କରିବ, ତାକୁ ନେଇ ଏବେ ଜୋର ଚର୍ଚ୍ଚା ଚାଲିଛି ।ବିଜେଡିର ନିର୍ବାଚନ ଷ୍ଟ୍ରାଟେଜିକୁ ତର୍ଜମା କଲେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତି ଏଠାରୁ ଟିକେଟ୍ ପାଇବାର ସମ୍ଭାବନା ଅଧିକ। କିନ୍ତୁ ବ୍ରଜରାଜନଗରରେ ରାଜନୀତିକ ଘଟଣା ଗୁଡିକୁ ଅନୁଧ୍ୟାନ କଲେ ଲାଗୁଛି ଏଠାରୁ ଟିକେଟ୍ ପାଇବାକୁ ଆଶା ବାନ୍ଧିଛନ୍ତି ଦୀପାଳି ଦାସ। ସେ ହେଉଛନ୍ତି ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ଝିଅ ।ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନେକ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ଦୀପାଳିଙ୍କୁ ଦେଖିବାକୁ ମିଳୁଛି। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁରରେ ମହିଳା ଦିବସ କାର୍ଯ୍ୟକ୍ରମ ସହିତ ଏକ ଆମ୍ବୁଲାନ୍ସ ଲୋକାର୍ପଣ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳିଥିଲା। ଚର୍ଚ୍ଚା ହେଉଛି ବ୍ରଜରାନଗର ଅଞ୍ଚଳରେ ପରିଚିତ ହେବା ପାଇଁ ଫିଲ୍ଡ ୱାର୍କରେ ଲାଗି ପଡିଛନ୍ତି ଦୀପାଳି ।ଅନ୍ୟପକ୍ଷରେ ପୌର ନିର୍ବାଚନ ସମୟରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପତ୍ନୀ ଅଳକା ଉପ-ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ଥିବା କହି ସାରିଛନ୍ତି। ସେତେବେଳେ ସେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଥିଲେ ଯେ ସେ ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବାକୁ ଆଶା ରଖିଛନ୍ତି। ଦଳ ଟିକେଟ୍ ଦେଲେ ସେ ପ୍ରତ୍ୟକ୍ଷ ରାଜନୀତିକୁ ଆସିବେ ।ଅଳକା ଓ ଦୀପାଳିଙ୍କୁ ନେଇ କେବଳ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉ ନାହିଁ, ବିଜେଡି କର୍ମୀଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହେଉଛି। କିଶୋରଙ୍କ ଅନୁଗତମାନେ ଅଳକାଙ୍କୁ ଟିକେଟ୍ ଦିଆଯାଉ ବୋଲି ମତ ରଖୁଥିବା ବେଳେ ଆଉ ଏକ ଗୋଷ୍ଠୀ ଦୀପାଳିଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛି। ଲଖନପୁରର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୌତମ ପ୍ରଧାନ କହିଛନ୍ତି ଯେ ବ୍ରଜରାଜନଗରବାସୀ ଦୀପାଳିଙ୍କୁ ଟିକେଟ୍ ମିଳୁ ବୋଲି ଚାହୁଁଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଦୀପାଳିଙ୍କ ବାପା ନବ ଦାସ କହିଛନ୍ତି ଯେ ଏହା ସଂପୂର୍ଣ୍ଣ ଭାବେ ଦଳୀୟ ବ୍ୟାପାର। ଏହି ପ୍ରସଙ୍ଗରେ ଦଳର ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ।ସୂଚନାଯୋଗ୍ୟ, ଗତ ଡିସେମ୍ବର ୩୦ରେ କିଶୋର ମହାନ୍ତିଙ୍କ ପରଲୋକ ହୋଇଥିଲା। ନିୟମ ଅନୁସାରେ ୬ ମାସ ଭିତରେ ହେବ ଉପନିର୍ବାଚନ।

## ଏପ୍ରିଲ ୨ରୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୩୦ ।୩(ପି.ଏନ): ଆସନ୍ତା ଏପ୍ରିଲ ୨ ତାରିଖରୁ ରାଜ୍ୟ ସମସ୍ତ ସ୍କୁଲ ସକାଳୁଆ ହେବ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ୬ଟା ୩୦ରୁ ସକାଳ ୧୦ଟା ପର୍ଯ୍ୟନ୍ତ ଚାଲିବ । ସେହିପରି ନବମ ଓ ଦଶମ ଶ୍ରେଣୀ ସକାଳ ୭ଟାରୁ ସକାଳ ୧୧ ଟା ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି।

## ଏପ୍ରିଲ ୨ ଯାଏଁ ଗ୍ରୀଷ୍ମ ଲହରୀ

ଭୁବନେଶ୍ୱର, ୩୦ ।୩(ପି.ଏନ): ଆସନ୍ତା ଏପ୍ରିଲ ୨ ତାରିଖ (ଶନିବାର) ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତାକାଲି ପାଇଁ ୫ଟି ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଏପ୍ରିଲ ୧ ଓ ୨ ତାରିଖ ପାଇଁ ୭ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି। ଅପରପକ୍ଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ୮ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କତା ମୂଳକ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୂରଭଞ୍ଜ, ବରଗଡ,ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ସେହିପରି ଏପ୍ରିଲ ୧ରୁ ୨ ତାରିଖ ମଧ୍ୟରେ ସମ୍ବଲପୁର, ବରଗଡ଼,ସୋନପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୁଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି ।ଏହାକୁ ଦୃଷ୍ଟିରେ ରଖି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକରେ ହଳଦିଆ ଚେତାବନୀ ବା ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ଗ୍ରୀଷ୍ମ ପ୍ରବାହ କାଳରେ ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ଲୋକ ପାଇଁ ବିଶେଷ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

## ଏପ୍ରିଲ ୫ରେ ଧାମନଗରର ୬ଟି ବୁଥରେ ସାନି ନିର୍ବାଚନ

ଭୁବନେଶ୍ୱର, ୩୦ ।୩(ପି.ଏନ): ଆସନ୍ତା ଏପ୍ରିଲ ୫ ତାରିଖରେ ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି)ର ୬ଟି ବୁଥରେ ସାନି ନିର୍ବାଚନ ହେବ। ଏପ୍ରିଲ୍ ୫ ତାରିଖରେ ଏହି ଏନ୍ଏସିର ବୁଥ୍ ନମ୍ବର ୩ (ୱାର୍ଡ ନମ୍ବର ୨), ବୁଥ୍ ନମ୍ବର ୮,୯ (ୱାର୍ଡ ନମ୍ବର ୫), ବୁଥ୍ ନମ୍ବର ୧୬ (ୱାର୍ଡ ନମ୍ବର ୯) ଓ ବୁଥ୍ ନମ୍ବର ୧୭, ୧୮ (ୱାର୍ଡ ନମ୍ବର ୧୦)ରେ ଭୋଟ୍ ଗ୍ରହଣ କରାଯିବ। ଏପ୍ରିଲ ୫ ତାରିଖ ଦିନ ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ମତଦାନ ହେବା ସହ ଏପ୍ରିଲ ୬ତାରିଖ ସକାଳ ୮ଟାରୁ ଭୋଟ ଗଣତି ହେବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ।ମାର୍ଚ୍ଚ ୨୪ ତାରିଖରେ ରାଜ୍ୟରେ ସମସ୍ତ ମ୍ୟୁନିସିପାଲିଟି ଓ ଏନ୍ଏସି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଧାମନଗର ଏନ୍ଏସିର ଏହି ସବୁ ବୁଥ୍ ରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା କାରଣରୁ ଭୋଟ୍ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା। ତେଣୁ ୨୫ ରାଜ୍ୟ ନିର୍ବାଚନ କମିଶନ ଧାମନଗର ଏନ୍ଏସିର ସମସ୍ତ ୱାର୍ଡର କାଉନ୍ସିଲର ଓ ଅଧ୍ୟକ୍ଷ ପଦ ପାଇଁ ଭୋଟ୍ ଗଣତିକୁ ବାତିଲ କରି ଦେଇଥିଲେ।

## ବିଜେଡି ସରକାରର ମିଲର ପ୍ରୀତି: ବାକି ପଡିଛି ୯୩ କୋଟି, ଆଦାୟ ହୋଇପାରୁନି



ଭୁବନେଶ୍ୱର,୩୦ ।୩(ପି.ଏନ): ଗତ ୯ବର୍ଷ ମଧ୍ୟରେ ମୋଟ ୫୨ଟି ମିଲର ନିଜର ଦାୟିତ୍ୱରେ ଖିଲାପ କରିଥିଲେ ମଧ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ରାଜ୍ୟ ସରକାର ସକ୍ଷମ ହୋଇପାରିନାହାନ୍ତି । ଏପରିକି ସେମାନଙ୍କ ଉପରେ ଥିବା ୯୩.୦୪କୋଟି ଟଙ୍କା ଆଦାୟ ମଧ କରିନାହାନ୍ତି । ଯାହାକି ମିଲରମାନଙ୍କ ସହ ବିଜେଡି ସରକାରର ଲୁଚାଛପା ପ୍ରୀତିକୁ ପଦାରେ ପକାଇଛି ।ଆଜି ବିଧାନସଭାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକ ପ୍ରଶ୍ନ ଲିଖିତ ଉତ୍ତରରେ କହିଛନ୍ତି ଯେ, ଗତ ୯ବର୍ଷ ମଧ୍ୟରେ ୫୨ଟି ମିଲର ଦାୟିତ୍ୱରେ ଖିଲାପ କରି ସରକାରଙ୍କୁ ଚାଉଳ ଫେରସ୍ତ ଦେଇପାରିନାହାନ୍ତି । ଚାଉଳ ଯୋଗାଣରେ ଅପାରଗତା ପ୍ରଦର୍ଶନକାରୀ କୌଣସି ସଂସ୍ଥାକୁ ଧାନ ସଂଗ୍ରହ ଓ ଚାଉଳ ଯୋଗାଣର ଦାୟିତ୍ୱ ଦିଆଯାଇ ନାହିଁ । ୨୦୧୨-୧୩ ଖରିଫ ଋତୁରୁ ୨୦୧୬-୧୭ ଖରିଫ ଋତୁ ମଧ୍ୟରେ ଏହି ମିଲରମାନେ ଦାୟିତ୍ୱ ଖିଲାପ କରିଛନ୍ତି । ସେମାନେ ମୋଟ ୮୫୦୯୨ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଛନ୍ତି । ଯାହାର ପରିମାଣ ପ୍ରାୟ ୧୩୦ କୋଟି ୮ଲକ୍ଷ ୮୪ହଜାର ୫୩୮ଟଙ୍କା ହେବ । ଏଥିରୁ ସେମାନଙ୍କଠୁ ୩୭.୦୪ କୋଟି ଟଙ୍କା ଆଦାୟ କରାଯାଇ ଥିବାବେଳେ ବାକି ୯୩.୦୪ କୋଟି ଟଙ୍କା ଏବେବି ସେମାନଙ୍କ ଉପରେ ପଡି ରହିଛି ।ସେମାନଙ୍କ ନାଁରେ ଯଦିଓ ସରକାର ଅପରାଧିକ ଓ ସିଭିଲ୍ ମାମଲା ରୁଜୁ କରିଛନ୍ତି, କିନ୍ତୁ ଏହି ଅର୍ଥ କିଭଳି ଆଦାୟ ହୋଇପାରିବ ଓ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ସେ ନେଇ କୌଣସି ଆନ୍ତରିକତା ଦେଖାଉନଥିବା ଜଣାପଡିଛି । କେବଳ ସେମାନଙ୍କୁ ଧାନ ସଂଗ୍ରହ ଓ ଚାଉଳ ଯୋଗାଣର ଦାୟିତ୍ୱ ଦିଆଯାଇ ନାହିଁ ବୋଲି ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି ।

## ଏଆଇସିଟିଇ ପୋର୍ଟାଲରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଇଂଟର୍ଣ୍ଣସିପ୍ : ସୁଯୋଗର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦ ।୩(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ପୋର୍ଟାଲରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଇଂଟର୍ଣ୍ଣସିପ୍ ସୁଯୋଗର ଶୁଭାରମ୍ଭ କରିଛନ୍ତି । ଛାତ୍ରଛାତ୍ରୀଙ୍କ ପାଇଁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଇଂଟର୍ଣ୍ଣସିପ୍ ସୁଯୋଗ ଦେବା ପାଇଁ ଏଆଇସିଟିଇ, ସିସ୍କୋ, ସେଲ୍ସଫୋର୍ସ, ମହାତ୍ମା ଗାନ୍ଧି କାଉନସିଲ ଫର୍ ରୁରାଲ ଏଜୁକେସନ(ଏମଜିଏନସିଆରଇ) ଏବଂ ଆରସବି ଟ୍ରାନ୍ସମିସନ ଇଣ୍ଡିଆ ଲିମିଟେଡ ମିଳିତ ଭାବରେ ଆଗେଇ ଆସିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଦେଶର ଯୁବପିଢିଙ୍କୁ ଭବିଷ୍ୟତର ଚ୍ୟାଲେଞ୍ଜକୁ ପ୍ରସ୍ତୁତ କରିବା ଦିଗରେ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ରେ ଶିଳ୍ପ ସଂସ୍ଥା ସହ ଶିକ୍ଷାନୁଷ୍ଠାନକୁ ଯୋଡିବା ପାଇଁ ପ୍ରାଧାନ୍ୟ ଦିଆଯାଇଛି । ୧ ଲକ୍ଷରୁ ଉର୍ଦ୍ଧ୍ୱ ଇଂଟର୍ଣ୍ଣସିପର ସୁଯୋଗ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଦେଶର ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ଇଂଟର୍ଣ୍ଣସିପର ସୁଯୋଗ ସମସ୍ତଙ୍କୁ ଦିଆଯାଉ, ଏପରି ଲକ୍ଷ୍ୟ ରଖିବା ଉଚିତ୍ ।୨୦୪୭କୁ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ । ଏଥିପାଇଁ ଭାରତ ରୋଡମ୍ୟାପ ପ୍ରସ୍ତୁତ କରୁଛି । ଏହି ସମୟ ଅବଧି ମଧ୍ୟରେ ଆମକୁ ମିଳିତ ଭାବରେ କାମ କରିବାର ଆବଶ୍ୟକତା ରହିଛି । ଆଗାମୀ ୨ ରୁ ୩ ବର୍ଷରେ ୧୦ କୋଟି ଇଂଟର୍ଣ୍ଣସିପ ପ୍ରଦାନ କରିବା ଆମର ଲକ୍ଷ୍ୟ ହେବା ଦରକାର । ଏହା ଦ୍ୱାରା ନିଯୁକ୍ତି କ୍ଷେତ୍ର ଗତିଶୀଳ ହେବ ଏବଂ ଅର୍ଥନୀତି ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି।ବର୍ତ୍ତମାନ ଶିଳ୍ପସଂସ୍ଥା ପ୍ରଶିକ୍ଷଣ, ସ୍କିଲିଂ ଏବଂ ରି ସ୍କିଲିଂର ଗୁରୁତ୍ୱକୁ ବୁଝିପାରୁଛନ୍ତି ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା’ ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଲୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ପେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ’ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା’ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା’ନ୍ତି ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଚିକିତ୍ସା ବିଜ୍ଞାନରେ ଗୁଡ଼ର ଆବଶ୍ୟକତା

ଆଜିର କରୋନା ମହାବିଭୀଷିକା ସମୟରେ ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ଓ ଶରୀରରେ ରକ୍ତ ବୃଦ୍ଧି ସହ ଶାରୀରିକ ପ୍ରତିପୋଷଣ ନିମିତ୍ତ ଗୁଡ଼କୁ ବେଶୀ ଆଦର କରୁଛନ୍ତି । ଗତବର୍ଷ ଠାରୁ କରୋନା ଦେଖାଦିଥିବା ପୂର୍ବରୁ ଗୁଡ଼ର ବ୍ୟବହାର ଓ ବିକ୍ରିବଟା ସେତେଟା ରହିନଥିଲା କିନ୍ତୁ ଏହି କରୋନା ହିଁ ଗୁଡ଼ର ବ୍ୟବହାରକୁ ବଢ଼ାଇଦେଲା । ବିଭିନ୍ନ ରୋଗରେ ଗୁଡ଼ର ପ୍ରୟୋଗ ରହିଛି । ଧରନ୍ତୁ ଜଣେ ଭଦ୍ରବ୍ୟକ୍ତିଙ୍କର ପାକସ୍ଥଳୀରେ ଗୋଟିଏ ମାଂସ ବୃଦ୍ଧି ହେଲା । ହୃତ୍ପିଣ୍ଡର ପରଦା ସବୁ କଠିନ ହୋଇଗଲା, ଶ୍ୱାସ ଯନ୍ତ୍ରର ନଳୀସବୁ ରୁଦ୍ଧ ହୋଇଗଲା । ଅଜୀର୍ଣ୍ଣ ହେଲା, ଝାଡ଼ା ସଫା ହେଲା ନାହିଁ । ଦାନ୍ତ ମାଢ଼ି ପାଚିଲା, ମୁଣ୍ଡରେ ପାଣି ଜମିବା ଓ ସ୍ନାୟୁ ବିଭାଗ ଦୁର୍ବଳ ହୋଇଗଲା, ଓଜନ କମି ଆସିଲା ଓ କେଶ ପାଚି ଧଳା ପଡ଼ିଗଲା । ବିଶେଷଜ୍ଞମାନଙ୍କ ମଧ୍ୟରୁ ପରାମର୍ଶ କ୍ରମେ ଔଷଧ ଖାଇ ମଧ୍ୟ ବିଶେଷ ଫଳ ମିଳି ନଥିଲା । ସେ ତାଙ୍କର ଜଣେ ପଡ଼ୋଶୀ ଠାରୁ ଡାକ୍ତର ସିରିଲ ସ୍କଟଙ୍କ ଗୁଡ଼ ଚିକିତ୍ସା ଶୁଣିବାକୁ ପାଇ ସେହି ଚିକିତ୍ସାର ଆଶ୍ରୟ ନେଲେ । କିଛିଦିନ ପରେ ତାଙ୍କ ପାକସ୍ଥଳୀରେ ହୋଇଥିବା ମାଂସବୃଦ୍ଧି ମିଳାଇ ଯିବା ସଙ୍ଗେ ସଙ୍ଗେ ତାଙ୍କର ଥିବା କେଶ କଳା ପଡ଼ିଯାଇଥିଲା । ସେହିପରି ଜରାୟୁରେ ମାଂସବୃଦ୍ଧି, ସ୍ତନରେ ମାଂସବୃଦ୍ଧି, ପାକସ୍ଥଳୀରେ ମାଂସବୃଦ୍ଧି, ଜିହ୍ୱାରେ ମାଂସବୃଦ୍ଧି ଇତ୍ୟାଦି । ମାଂସବୃଦ୍ଧିରେ ଘା' ହୋଇଥିଲେ ମଧ୍ୟ ଗୁଡ଼ ଚିକିତ୍ସାରେ ଆରୋଗ୍ୟ ଲାଭ କରିଥିବାର ଦେଖାଯାଇଛି । ଅନେକ ହୁଏତ ଜାଣିନାହାଁନ୍ତି ଆଣ୍ଠୁ ଗଣ୍ଠି ବାତ ଓ କ୍ୟାନସର ପ୍ରାୟ ଏହି କାରଣରୁ ହୋଇଥାଏ । ଶରୀରରେ ପୋଟାସିୟମ ଲବଣର ଅଭାବ କ୍ୟାନସରର ମୁଖ୍ୟ କାରଣ । ମାଟିତଳେ ଯାଇଥିବା ଝରଣା ବା ଡ୍ରେନ ଉପରେ ବାସ କଲେ ବା ମାଟିତଳେ ଯାଇଥିବା ଦୁଇଟି ଜଳସ୍ରୋତ ପରସ୍ପରକୁ କାଟି ଥିବା ଛକ ଉପରେ ବାସକଲେ, ବାସ କରୁଥିବା ଅଧିବାସୀ ମାନଙ୍କୁ କ୍ୟାନସର ହେବାର ସମ୍ଭାବନା ଥାଏ । ପୋଟାସିୟମ ଲବଣ ରକ୍ତରେ ମିଳିବା ଭଳି ଅବସ୍ଥାରେ ଖାଇବାକୁ ଦେଇ କ୍ୟାନସର ରୋଗୀକୁ ଆରୋଗ୍ୟ କରିଥିବା କଥା ଡାକ୍ତର ଫୋର୍ବସ ରସ୍ ଦର୍ଶାଇଛନ୍ତି । ଗୁଡ଼ରେ ପ୍ରଚୁର ପରିମାଣରେ ପୋଟାସିୟମ ଥିବାରୁ କ୍ୟାନସର ରୋଗଗ୍ରସ୍ତ ବ୍ୟକ୍ତି ବିଶେଷଙ୍କୁ ଗୁଡ଼ ଖାଇବାକୁ ଦେବା ଉଚିତ । ଆଉ ଗୋଟିଏ କ୍ଷେତ୍ରରେ ଦେଖନ୍ତୁ, ଦୁଶ୍ଚିନ୍ତା ଆଣ୍ଠୁଗଣ୍ଠି ରୋଗ ପ୍ରତି କ୍ଷତିକାରକ । ଥରେ ଆରୋଗ୍ୟ ଲାଭ କଲାପରେ ଚିନ୍ତାଗ୍ରସ୍ତ ହେଲେ ଏହି ରୋଗ ପୁଣି ଆକ୍ରମଣ କରିବାର ଦେଖାଯାଏ । ଶରୀରରେ ଥିବା ପୋଟାସିୟମ ଲବଣ ଚିନ୍ତା ଯୋଗୁଁ କ୍ଷୟ ହୋଇଥାଏ । ଆଖୁରୁ ପ୍ରସ୍ତୁତ ଗୁଡ଼ରେ ଅନ୍ୟାନ୍ୟ ଫୁସ୍‌ଫେଟ ସହ ପ୍ରଚୁର ଲୌହ । ଏଥିରେ ପୋଟାସିୟମ ମଧ୍ୟ ଥାଏ । ଗୁଡ଼ରେ ଥିବା ଲୌହ ରକ୍ତରେ ଦହନ କ୍ରିୟାରେ ସାହାଯ୍ୟ କରିଥାଏ । ଚର୍ମ ରୋଗରେ ଗୁଡ଼ ଚିକିତ୍ସା ବିଶେଷ ଫଳପ୍ରଦ । ଉଦାହରଣ ବଶତଃ ଭଦ୍ର ବ୍ୟକ୍ତିଙ୍କର ହାତ ଦୁଇଟି ଫୁଲିଯାଇ ନାଲି ଦେଖା ଯାଉଥିଲା । ସେ ଗୁଡ଼ ପାଣିରେ ଦୈନିକ କିଛିଦିନ ଧରି ହାତ ବୁଡ଼ାଇବା ଫଳରେ ଆରୋଗ୍ୟ ଲାଭ କଲେ । ସ୍ଥାୟୀ ଆରୋଗ୍ୟ ପାଇଁ ଚର୍ମ-ରୋଗ-ଗ୍ରସ୍ତ ବ୍ୟକ୍ତି ଆକ୍ରାନ୍ତ ସ୍ଥାନକୁ ଗୁଡ଼ ପାଣିରେ ଧୋଇବା ସଙ୍ଗେ ସଙ୍ଗେ ଦୈନିକ ଗୁଡ଼ ଖାଇବା ଉଚିତ । ଆଜିର ସମୟ ଦେଖନ୍ତୁ, କୋଷ୍ଠ କାଠିନ୍ୟ ଆଜିକାଲି ସମାଜର ଏକ ମୁଖ୍ୟ ରୋଗ । ଅସାର ଖାଦ୍ୟ ଭକ୍ଷଣ, ଯାନବାହାନ ଚଳାଚଳ ଯୋଗୁଁ ବ୍ୟାୟାମର ଅଭାବ କୋଷ୍ଠ କାଠିନ୍ୟର ମୁଖ୍ୟ କାରଣ । ଝାଡ଼ା ସଫା କରିବା ପାଇଁ ଆଜିକାଲି ଅନେକ ଔଷଧ ବାହାରିଲାଣି । ସେଗୁଡ଼ିକ ସାମୟିକ ବ୍ୟବହାର ଫଳରେ ପରିପାକ ଯନ୍ତ୍ର ସ୍ୱତଃ କାର୍ଯ୍ୟକ୍ଷମ ଶକ୍ତି ହରାଏ । ଫଳରେ ହଜମ କ୍ରିୟାରେ ବ୍ୟାଘାତ ସୃଷ୍ଟି ହୋଇ କୋଷ୍ଠ କାଠିନ୍ୟ ଦେଖାଦିଏ । ଧଳା ରୁଟି, ସିଝାମାଂସ ଓ ସିଝା ପରିବାରେ ଶରୀର ପାଇଁ ଉପଯୋଗୀ ଲବଣ ନଷ୍ଟ ହୋଇଯାଇଥାଏ । ଗୁଡ଼ ଖାଇବା ଫଳରେ ଗୁଡ଼ରେ ଥିବା ଲବଣ ପରିପାକ ଯନ୍ତ୍ରର ମାଂସପେଶୀକୁ କାର୍ଯ୍ୟକ୍ଷମ ହେବା ସଙ୍ଗେ ସଙ୍ଗେ ଏଥିରେ ଥିବା ଲକ୍ଷଣ ହଜମକ୍ରିୟାରେ ସାହାଯ୍ୟ କରିଥାଏ । ପିତ୍ତ ମୁଣାରେ ପଥୁରିରେ ଗୁଡ଼ ଚିକିତ୍ସା ମଧ୍ୟ କାର୍ଯ୍ୟ କରିଥାଏ । ସକାଳେ ସନ୍ଧ୍ୟାରେ ଗୁଡ଼ ଖାଇବା ବ୍ୟତୀତ ଦିନକୁ ୩ ବା ୪ ଚାମଚ ଅଲିଭ ତେଲ ଖାଇବା ଉଚିତ । ପଥୁରୀ ନ ହେବା ପାଇଁ ଦୈନିକ ଖାଦ୍ୟ ସହିତ ଗୁଡ଼ ଖାଇବା ଉଚିତ । ଚିନି ଖାଇବା ଫଳରେ ଅମ୍ଳ ସୃଷ୍ଟି ହୋଇଥାଏ । ଏହି ଅମ୍ଳ ଆଣ୍ଠୁଗଣ୍ଠି ବାତର ଏକ ମୁଖ୍ୟ କାରଣ । ଚିନି ମଧ୍ୟ ଦାନ୍ତର ଅନିଷ୍ଟ କରିଥାଏ । ସେଥିପାଇଁ ଦନ୍ତକ୍ଷୟ (ଦାନ୍ତ ପୋକ ଖାଇବା) ରୋଗୀକୁ ଡାକ୍ତର ଚିନି କିମ୍ବା ମିଠା ଖାଇବାକୁ ମନା କରନ୍ତି । ଗୁଡ଼ ଚିନିର ବିପରୀତ ବ୍ୟବହାର ପ୍ରଦର୍ଶନ କରିଥାଏ । ଗୁଡ଼ ଖାଇବା ଫଳରେ ଆଣ୍ଠୁଗଣ୍ଠି ବାତ ଆରୋଗ୍ୟ ହେବା ସଙ୍ଗେ ସଙ୍ଗେ ଦାନ୍ତକୁ ମଧ୍ୟ ରକ୍ଷା କରିଥାଏ । ଗୁଡ଼ରେ ଜୀବାଣୁ ନାଶକ ଧର୍ମ ଥିବାରୁ ଏଥିରେ ଜୀବାଣୁ ରହିପାରନ୍ତି ନାହିଁ । ଏତଦ୍‌ବ୍ୟତୀତ ଗୁଡ଼ ପାକସ୍ଥଳୀ ବା ଅନ୍ତନାଳୀରେ ଥିବା କ୍ଷତିକାରକ ଜୀବାଣୁ ମାନଙ୍କୁ ମାରି ଦେଇଥାଏ । ଟିକାନେବା ଫଳରେ ଯେପରି ବସନ୍ତ, ଆନ୍ତ୍ରିକଜର, କଣ୍ଠ ଆଳତି ପ୍ରଭୃତି ପ୍ରତିରୋଧ କରାଯାଇପାରେ, ଗୁଡ଼ ଖାଇବା ଫଳରେ ସେହିପରି ଏସବୁକୁ ପ୍ରତିରୋଧ କରାଯାଇପାରେ । ଏତଦ୍ ବ୍ୟତୀତ ଗୁଡ଼ ଖାଉଥିବା ବ୍ୟକ୍ତିକୁ ସହଜରେ ଅନ୍ୟାନ୍ୟ ରୋଗ ଧରେ ନାହିଁ । ଗୁଡ଼ରେ ଥିବା ଖାଦ୍ୟ ପ୍ରାଣ ଓ ଅନ୍ୟାନ୍ୟ ଧାତବ ଲବଣ ରକ୍ତରେ ମିଶିବା ଫଳରେ ଶରୀର ସୁସ୍ଥ ରହିବା ଯୋଗୁଁ ଏପରି ସମ୍ଭବ ହୋଇଥାଏ । ଦୀର୍ଘଦିନ ବାଗୀ, ହୃଦ୍‌ଯନ୍ତ୍ର ବନ୍ଦ କିମ୍ବା କର୍କଟ ରୋଗରେ ପଡ଼ିଥିବା ବ୍ୟକ୍ତିକୁ ଯଦି ନିର୍ଦ୍ଦିଷ୍ଟ ପରିମାଣ ଗୁଡ଼ ଖାଇବାକୁ ଦିଆଯାଏ ତେବେ ତାର ଧଳା ପଡ଼ିଯାଇଥିବା କେଶ ଗୁଡ଼ିକ ପ୍ରଥମେ କଳା ପଡ଼ିଯିବାର ଦେଖାଯାଏ । ମୁଣ୍ଡର ସାମନା ଦୁଇପଟ ଓ ପଶ୍ଚାତ ଭାଗର କେଶ ଶୀଘ୍ର କଳା ପଡ଼ିବାର ଦେଖାଯାଏ । ଥଣ୍ଡା ଜଳ ପାକସ୍ଥଳିକୁ ଶୀତଳ କରିବା ସଙ୍ଗେ ମୂତ୍ର ଯନ୍ତ୍ରର କ୍ଷତି ସାଧନ କରିଥାଏ । ବୟସ ନିର୍ବିଶେଷରେ ଯେ କେହି ବ୍ୟକ୍ତି ଗୁଡ଼କୁ କ୍ଷୀର ସହିତ ଖାଇପାରେ । ଏହାକୁ ଯେ କୌଣସି ଖାଦ୍ୟ ଓ ଜଳଖିଆ ସହିତ ଖିଆ ଯାଇପାରେ । ଅନ୍ତନାଳୀରେ ମାଂସବୃଦ୍ଧିରେ ବା ବୃହଦନ୍ତ୍ରର ପ୍ରଦାହ ବା ଘାରେ ଗୁଡ଼ ପାଣିକୁ ଡୁସ ରୂପେ ବ୍ୟବହାର କରାଯାଇପାରେ । ବାହ୍ୟ ମାଂସବୃଦ୍ଧିରେ ଘାରେ ବା କ୍ଷତରେ ଗୁଡ଼ ଖାଇବା ସଙ୍ଗେ ସଙ୍ଗେ ଗୁଡ଼ ପାଣିକୁ ପଟିରେ ବ୍ୟବହାର କରାଯାଇପାରେ । ମଲମ ରୂପେ ଗୁଡ଼ର ସମକକ୍ଷ ଅନ୍ୟ କୌଣସି ପଦାର୍ଥ ନାହିଁ । କଳା ଦାନା ବାନ୍ଧି ନ ଥିବା ବହଳିଆ ଗୁଡ଼ ଏ ପ୍ରକାର ଗୁଡ଼ ଆଖୁ ରସରୁ ଅମଳ ବେଳେ ମିଳିଥାଏ । ଗୁଡ଼କୁ ନେଇ ଏବେ ବି ବିଜ୍ଞାନ ଜଗତ ଓ ଚିକିତ୍ସା ବିଜ୍ଞାନ ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଜାରି ରଖିଛି ।

**ଡାକ୍ତର ନଟବର ନାୟକ**
*ତିଳୋତ୍ତମା ହୋମିଓ ହାଉସ୍, ଜଗତସିଂହପୁର,*
*ମୋବାଇଲ : ୯୪୩୭୨୨୯୬୦୧*

# ଶବରୀ ନାରାୟଣ ଛତିଶଗଡ଼ର ପାବନ ପୁରୀଧାମ



ଭାରତ ହେଉଛି ପୃଥିବୀର ଏକ ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ଦେଶ । ମୁନିଋଷିମାନେ ଏ ଦେଶର ଧର୍ମ, ସଂସ୍କୃତି ତଥା ଦର୍ଶନକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ସ୍ଥଳ ଅଛି ତଥାପି ଚାରୋଟି ଧାର୍ମିକ ସ୍ଥଳକୁ ଶ୍ରେଷ୍ଠ ମାନ୍ୟତା ମିଳିଛି । ତା'ମଧ୍ୟରୁ ପାବନ ପୁରୀ ଧାମ ଅନ୍ୟତମ । ଯାହାର ଆରାଧ୍ୟ ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ । ଠିକ୍ ସେହିପରି ଭାରତ ବର୍ଷରେ ଛତିଶଗଡ଼ ରାଜ୍ୟରେ ଥିବା ବିଳାଶପୁର ସହରରୁ ୬୪ କି.ମି. ଦୂରରେ ପରମ ପାବନ "ଶବରୀ ନାରାୟଣ ଧାମ"କୁ ପୁରୀର ମାନ୍ୟତା ମିଳିଛି । ସେଠାରେ ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଙ୍କୁ ଅନେକ ଦିନ ଧରି ଅପେକ୍ଷାରତ ଥିବା ଶବରୀ ନିଜେ କୋଳି ଖୁଆଇଦେବାର କିମ୍ବଦନ୍ତୀ ଆଜି ମଧ୍ୟ ଜନମାନସରେ ପ୍ରତିଧ୍ୱନିତ ହେଉଛି । ବିଭିନ୍ନ ଐତିହାସିକ ବିବରଣୀ ଅନୁସାରେ



ସମ୍ବତ ୧୯୨୭ ମସିହାରେ ମହନ୍ତ ଅର୍ଜ୍ଜୁନ ଦାସଙ୍କ ପ୍ରେରଣାରେ ଭଟଗାଁର ଜମିଦାର ରାଜସିଂହ ଜଗନ୍ନାଥ ମନ୍ଦିରର ମୂଳଦୁଆ ପକାଇଥିଲେ । ମାତ୍ର ତାଙ୍କର ପରମ ଭକ୍ତ ପୁତ୍ର ଚନ୍ଦନ ସିଂହ ପିତାଙ୍କ ଅଧୁରା ଇଚ୍ଛାକୁ ପୂରଣ କରି ସେହି ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ସ୍ଥାପନା କରାଇଥିଲେ । ସୁପ୍ରସିଦ୍ଧ ସାହିତ୍ୟିକ ଏବଂ ତତ୍କାଳିନ ଶବରୀ ନାରାୟଣ ତହସିଲର ତହସିଲଦାର ଠାକୁର ଜଗମୋହନ ସିଂହ ତାଙ୍କର ପୁସ୍ତକ "ପ୍ରଳୟ"ରେ ଉଲ୍ଲେଖ କରିଛନ୍ତି ଯେ ମହାନଯୋଗୀ ଶ୍ରୀ ଗୌତମ ଦାସଙ୍କର ସୁନ୍ଦର ବଗିଚା କୌଣସି ସମୟରେ ଏକ ଉଚ୍ଚ ପାହାଡ଼ ଥିଲା । ତାଙ୍କ କଥାନୁସାରେ ରଥଯାତ୍ରା ପରେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ମାତା ସୁଭଦ୍ରା ଏହି ସ୍ଥାନରେ ୭ ଦିନ ବିଶ୍ରାମ କରିଥିଲେ । ତେଣୁ ଏଠାର ଲୋକେ ଏହାକୁ ଜନକପୁର ମଧ୍ୟ ଆଖ୍ୟା ଦେଇଛନ୍ତି । ଆହୁରି ମଧ୍ୟ ମାଖନ ସାବଙ୍କର କନିଷ୍ଠ ଅନୁଜ ସୋଭାରାମଙ୍କର ପୌତ୍ର ପରାଧିୟା ସାବ ଜଗନ୍ନାଥ ପୁରୀର ରଥଯାତ୍ରା ପରେ "ଶବରୀ ନାରାୟଣ"ରେ ପଣ୍ଡିତ ଧର୍ମାନନ୍ଦ ଦ୍ୱିବେଦୀଙ୍କ ଘରେ ତିନି ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସ୍ଥାପିତ କରିଥିଲେ ଯାହାକି ଏବେ ମଧ୍ୟ ପୂଜା ପାଉଛନ୍ତି । ଏବଂ ପୂର୍ବକାଳରେ ସେହି ମୂର୍ତ୍ତିମାନଙ୍କୁ ନେଇ ଶବରୀ ନାରାୟଣରେ ରଥଯାତ୍ରା




ସମ୍ପନ୍ନ ହେଉଥିଲା । ମାତ୍ର ଶବରୀନାରାୟଣ ମଠ ପ୍ରତିଷ୍ଠା ତଥା ମନ୍ଦିର ପ୍ରତିଷ୍ଠା ପରଠାରୁ ଦୁଇ ଯାଗାରୁ ରଥଯାତ୍ରା ଏକ ସଙ୍ଗରେ ହେଉଥିଲା । ମାତ୍ର କାଳକ୍ରମେ କେବଳ ଶବରୀ ନାରାୟଣରେ ପ୍ରତିଷ୍ଠିତ ବିଗ୍ରହଙ୍କୁ ନେଇ ଅଦ୍ୟାବଧି ରଥଯାତ୍ରା ଅନୁଷ୍ଠିତ ହେଉଅଛି ।

ରଥଯାତ୍ରା ଏହି ଛତିଶଗଡ଼ କ୍ଷେତ୍ର ତଥା ବିଳାଶପୁରର ଏକ ପ୍ରମୂଖ ଯାତ୍ରା କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାଚୀନ କାଳରୁ ଏହି ରଥାଯାତ୍ରାର ଆୟୋଜନ ଶବରୀ ନାରାୟଣର ମଠ ଆଜି ସୁଦ୍ଧା ପାଳନ କରିଆସୁଅଛି । ପ୍ରାପ୍ତ ସୂଚନା ଅନୁସାରେ ମହନ୍ତ ଗୌତମ ଦାସ ଏହି ରଥଯାତ୍ରାର ଶୁଭାରମ୍ଭ କରିଥିଲା ବେଳେ ମହନ୍ତ ଲାଲ ଦାସ ଏହାକୁ ସୁଚାରୁରୂପେ ପରିଚାଳନା କରୁଥିଲେ । ଏହି ରଥଯାତ୍ରା ସମୟରେ ଏଠାର ମୁକ୍ତିଆର କୈଳାଶ ପ୍ରସାଦ ତିୱାରୀ ଲୋକମାନଙ୍କ ହୃଦୟରେ ଭଗବତ ଭାବନା ଜାଗ୍ରତ ଉଦ୍ଦେଶ୍ୟରେ ରାମଲୀଳା, ରାସଲୀଳା ବିଭିନ୍ନ ଧାର୍ମିକ ନାଟକ ଅନୁଷ୍ଠିତ କରି ଆଜି ମଧ୍ୟ ଲୋକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଠିକ୍ ପୁରୀ ରଥଯାତ୍ରା ପରି ଏଠାରେ ମଧ୍ୟ ପ୍ରତିବର୍ଷ ରଥ ତିଆରି ହେଉଥିଲା ମାତ୍ର ସମୟାନୁକ୍ରମେ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ଏକ ଲୌହ ନିର୍ମିତ ରଥରେ ଆଜି ମଧ୍ୟ ରଥଯାତ୍ରା ହେଉଅଛି । ଏହି କ୍ଷେତ୍ରର ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କର ରଥ ଦଉଡ଼ିକୁ ଟାଣିଥାନ୍ତି ଏବଂ ରଥକୁ ବିଭିନ୍ନ ସ୍ଥାନରେ ଅଟକାଇ ଭକ୍ତମାନେ ପୂଜା ପାଠ ନୈବେଦ୍ୟ ସମର୍ପଣ କରିଥାନ୍ତି । ପ୍ରସାଦ ଭାବେ ଏଠାରେ ଲିଆ, ଗଜାମୁଗ ଓ ନଡ଼ିଆ ଭୋଗ ହୋଇଥାଏ । ଏହି ରଥଯାତ୍ରା ଦିନଟିକୁ ସମ୍ପୂର୍ଣ୍ଣ ଛତିଶଗଡ଼ରେ ପରମ ପବିତ୍ର ଦିନ ରୂପେ ପାଳନ କରାଯାଏ । ଏହି ଦିନରେ ନୂତନ ଗୃହ ପ୍ରତିଷ୍ଠା, ଦୋକାନ, କାରବାରର ଶୁଭାରମ୍ଭ ହୋଇଥାଏ । ଏହି ଦିନଟିରେ ଘରକୁ ଦୂରରେ ରହୁଥିବା ବନ୍ଧୁ, ବାନ୍ଧବଙ୍କର ଏକତ୍ରିକରଣ ହୋଇ ଆନନ୍ଦ ମହୋତ୍ସବ ଲାଗିଥାଏ । ପିଲାଙ୍କଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ଆଜି ମଧ୍ୟ ଏଠାକାର ଲୋକ ମୁଖରେ ଛତିଶଗଡ଼ର ପରମ ପାବନ ଶବରୀନାରାୟଣ ଧାମ ଜଗନ୍ନାଥ ପୁରୀ ଧାମ ଭାବେ ପ୍ରସିଦ୍ଧିଲାଭ କରିଛି । ସେହିପରି ଏଠାରୁ ଅଳ୍ପ ବ୍ୟବଧାନରେ ରାଜିମ୍ ସ୍ଥାନରେ ସାକ୍ଷୀଗୋପାଳ ବିରାଜମାନ କରିଛନ୍ତି । ଶବରୀନାରାୟଣଙ୍କ ଦର୍ଶନ ପରେ ଯିଏ ସାକ୍ଷୀଗୋପାଳଙ୍କୁ ଦର୍ଶନ ନକରେ ତାର ଯାତ୍ରା ବ୍ୟର୍ଥ ହୋଇଥାଏ ବୋଲି କଥିତ ଅଛି । ତେଣୁ ଏଠାର ପ୍ରାଚୀନ କବି ବଟୁ ସିଂହ ଶବରୀ ନାରାୟଣ ମହାତ୍ମ୍ୟରେ ଲେଖିଛନ୍ତି । ***"ମାସ ଆଷାଢ଼ ରଥ ଦୁତୀୟା/ରଥକେ କିୟା ବୟାନ/ଦର୍ଶନ ରଥକୋ ଯୋ କରେ/ ପାବେ ପଦନିର୍ବାଣ ।"*** ଅର୍ଥାତ, "ଆଷାଢ଼ ମାସର ଦ୍ୱିତୀୟ ତିଥିରେ ରଥରେ ବେଶ ବାମନ, ଦର୍ଶନ ମାତ୍ରକେ ପାପନାଶ ହୋଇ ମିଳଇ ପଦ ନିର୍ବାଣ" । ଯେପରି ଆମର ସଂସ୍କୃତ ବ୍ୟାଖ୍ୟାକାରମାନେ ଲେଖିଛନ୍ତି - ***"ଦୋଳେଚ ଦୋଳ ଗୋବିନ୍ଦ/ଚାପେଚ ମଧୁସୂଦନ/ରଥେତୁ ବାମନମ୍ ଦୃଷ୍ଟ୍ୱା/ପୁର୍ନଜନ୍ମ ନବିଦ୍ୟତେ ।"*** ଦୋଳରେ ଦୋଳଗୋବିନ୍ଦ, କୃଷ୍ଣ ଚାପରେ ଥିବ ମଧୁସୂଦନ ରଥରେ ଜଗନ୍ନାଥଙ୍କ ବାମନବେଶ ଦର୍ଶନରେ ଆଉ ପୁର୍ନଜନ୍ମ ନଥାଏ । ସେଇଥିପାଇଁ ଜଗନ୍ନାଥ ହେଲେ ଜଗତର ନାଥ ଏବଂ ତାଙ୍କ ରଥଯାତ୍ରା ପ୍ରତିଷ୍ଠା କରିଥାଏ ଅଖଣ୍ଡ ଭାରତରେ ବିଶ୍ୱମୈତ୍ରୀ ଓ ପ୍ରୀତିର ମହନୀୟତା । ତେଣୁ ଶବରୀନାରାୟଣ କ୍ଷେତ୍ର ଯଦିଓ ବିଶ୍ୱ ମୈତ୍ରୀର କ୍ଷେତ୍ର ନହୋଇପାରେ ମାତ୍ର ତଥାପି ଜନମାନସରେ ପ୍ରେମ ଓ ବିଶ୍ୱାସର ଫଲଗୁ ଧାରା ପ୍ରବାହିତ କରିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱରେ କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ । ଶେଷରେ ଏତିକି କହିବି ଏ ଯାତ୍ରା ସମଗ୍ର ମାନବ ସମାଜରୁ ବ୍ରାହ୍ମଣ ଚଣ୍ଡାଳର ଦୁର୍ଭେଦ୍ୟ ପ୍ରାଚୀର, ଉଚ୍ଚନୀଚର ବୈଶମ୍ୟ ଲୋପ କରିବା ପାଇଁ ଆମେ ସମସ୍ତେ ଏକାକାର ହୋଇ ଜଗନ୍ନାଥଙ୍କର ସେବକ ପାଲଟି ଯାଇଥାଉ ଏବଂ ଯେଉଁ ଠାରେ ଗଢ଼ି ଉଠେ ମାନବବାଦର ମାନବ ପ୍ରୀତିର ମହାନ ସେତୁ । ... କିମଧିକମ୍ ।

**ଉମାଶଙ୍କର ପ୍ରସାଦ**, ଭଗତ୍ ଲେନ୍, ମେନ୍ ରୋଡ଼୍, ଖୋର୍ଦ୍ଧା ।

# ସ୍ତ୍ରୀର ସୁଲଭ ଗୁଣ

ସ୍ତ୍ରୀଲୋକମାନେ ବହୁ ପ୍ରକାର ଗୁଣରେ ଅଳଙ୍କୃତ । ଆତ୍ମ ନିୟନ୍ତ୍ରଣରେ ପୁରୁଷମାନେ ମହିଳାମାନଙ୍କର ସମକକ୍ଷ ହୋଇପାରିବେ ନାହିଁ । ପୁରୁଷ ମାନଙ୍କୁ ଆଧାତ୍ମିକ ମାର୍ଗରେ ଅଗ୍ରସର କରାଇବା ପାଇଁ ମହିଳାମାନେ ହିଁ ସର୍ବଶ୍ରେଷ୍ଠ ଆଦର୍ଶ । ନିର୍ମଳ, ନିଃସ୍ୱାର୍ଥ ପ୍ରେମ ସେମାନଙ୍କର ଜନ୍ମଗତ । ଜ୍ଞାନୀ, ସଂସ୍କାର ସମ୍ପନ୍ନା, ସ୍ନେହମୟୀ ଓ ଧର୍ମପରାୟଣା ମହିଳମାନେ ଜଣେ ଜଣେ ଲକ୍ଷ୍ମୀ । ସେମାନଙ୍କ ପାଇଁ ଘରେ ଆନନ୍ଦ ଓ ସୌଭାଗ୍ୟ ବିରାଜେ । ଯେଉଁ ଘରେ ସ୍ୱାମୀ ସ୍ତ୍ରୀ ଉଭୟେ ପବିତ୍ର ପ୍ରେମ ପାଶରେ ବାନ୍ଧି ହୋଇ ଆତ୍ମୋନ୍ନତି ପାଇଁ ସ୍ୱାଧ୍ୟାୟରତ ଏବଂ ପ୍ରଭୁଙ୍କ ମହିମା ଓ ନାମ କୀର୍ତ୍ତନ କରୁଥାନ୍ତି ସେ ଘରେ ପ୍ରକୃତରେ ବୈକୁଣ୍ଠ । ଯେଉଁଠାରେ ସ୍ତ୍ରୀ ପବିତ୍ର ପ୍ରେମସହ ସ୍ୱାମୀ ସହିତ ବନ୍ଧା, ତାହାକୁ ଯେ କୌଣସି ଦୁର୍ଲଭ ପୁଷ୍ପର ସୌରଭ ସହିତ ତୁଳନା କରାଯାଇପାରିବ । ଗୋଟିଏ ଅମୂଲ୍ୟ ରତ୍ନ ସଦୃଶ ସେ ପରିବାରର ଶୋଭା ଉଜ୍ଜ୍ୱଳ କରିପାରିବ । ଏତାଦୃଶ ଗୁଣବତୀ ସ୍ତ୍ରୀ ପ୍ରକୃତରେ ଗୋଟିଏ ଅତି ମୂଲ୍ୟବାନ ଅଳଙ୍କାର ।

ସତୀତ୍ୱ ମହିଳାମାନଙ୍କର ଏକ ମହାନ ଆଦର୍ଶ । ସେଥିରୁ ଉତ୍ପନ୍ନ ଶକ୍ତିରୁ ସେମାନେ ସମସ୍ତ କିଛି ହାସଲ କରିପାରିବେ । ସେହି ଶକ୍ତି ଦ୍ୱାରା ସାବିତ୍ରୀ, ଯମ ଦେବତାଙ୍କ ସହ ସଂଗ୍ରାମ କରି ତାଙ୍କ ମୃତ ପତିଙ୍କୁ ବଞ୍ଚାଇବାକୁ ସମର୍ଥ ହୋଇଥିଲେ । ଅତ୍ରି ମୁନିଙ୍କ ପତ୍ନୀ ଓ ଦତ୍ତାତ୍ରେୟଙ୍କ ମା'ଅନୁସୂୟା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ନବଜାତ ଶିଶୁରେ ପରିଣତ କରି ଦେଇଥିଲେ । ନାରାୟଣୀ ତାଙ୍କ କୁଷ୍ଠାକ୍ରାନ୍ତ ସ୍ୱାମୀଙ୍କ ପ୍ରତି ଭକ୍ତି ଓ ସତୀତ୍ୱର ରହସ୍ୟମୟ ଶକ୍ତି ବଳରେ ସୂର୍ଯ୍ୟଙ୍କର ଗତିରୋଧ କରିଦେଇ ପାରିଥିଲେ । ସତୀତ୍ୱ ପାଇଁ ମହିଳାମାନଙ୍କୁ ମହୀୟସୀ ବୋଲି ଆଖ୍ୟା ଦିଆଯାଇଛି । ଏହାର ମର୍ଯ୍ୟାଦା ଅବର୍ଣ୍ଣନୀୟ । ଏହା ତାଙ୍କ ମାନଙ୍କ ପ୍ରାଣବାୟୁ ସଦୃଶ । ଏହି ସତୀତ୍ୱର ଅସୀମ ଶକ୍ତି ବଳରେ ସେମାନେ ତାଙ୍କ ସ୍ୱାମୀଙ୍କୁ ଯେ କୌଣସି ପ୍ରକାର ବିପତ୍ତିରୁ ଉଦ୍ଧାର କରିଦେଇପାରନ୍ତି । ଏହି ଅତୁଳନୀୟ ଶକ୍ତି ବଳରେ ସେମାନେ ନିଜକୁ ରକ୍ଷା କରନ୍ତି ଓ ପରିଶେଷରେ ନିଃସନ୍ଦେହରେ ସ୍ୱର୍ଗରେ ସ୍ଥାନ ପାଆନ୍ତି ।

ଦମୟନ୍ତୀଙ୍କ ଭାଷାର ଏଭଳି ଶକ୍ତି ଥିଲା ଯେ ବଣରେ ଜଣେ ଶିକାରୀ ତାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବାକୁ ଉଦ୍ୟତ ହୁଅନ୍ତେ ସେ ତାକୁ ଭସ୍ମ କରି ଦେଇଥିଲେ । ଭାଗ୍ୟରେ ନିର୍ଦ୍ଦୟ କରାଘାତରେ କବଳିତ ହୋଇ ରାଜା ନଳ ତାଙ୍କୁ ଛାଡ଼ି ଚାଲି ଯାଇଥିବା ସମୟରେ ଦମୟନ୍ତୀଙ୍କୁ ଜଙ୍ଗଲରେ ଏକାକିନୀ ଜୀବନ କଟାଇବାକୁ ପଡ଼ିଥିଲା । ବିନମ୍ରତା ଓ ଶିଷ୍ଟାଚାର ମହିଳାମାନଙ୍କ ପକ୍ଷେ ଅତ୍ୟନ୍ତ ପ୍ରୟୋଜନ । ଶିଷ୍ଟାଚାରର ସୀମା ଅତିକ୍ରମ କରିବା ମହିଳମାନଙ୍କ ପକ୍ଷେ ଅଧର୍ମ । ସୀମା ବାହାରକୁ ଯାଇ ସେମାନେ ବହୁ ଦୁର୍ଦ୍ଦଶା ନିମନ୍ତ୍ରଣ କରିଥାନ୍ତି । ନାରୀତ୍ୱର ମର୍ଯ୍ୟାଦା କାହିଁକି କ୍ଷୁର୍ଣ୍ଣ ହେବ ? ଜଣେ ସମ୍ଭ୍ରମତା ବିଶିଷ୍ଟ ମହିଳା, ନିଜର ମାନ ମହତ ଦୃଷ୍ଟିରୁ ସୀମା ଭିତରେ ରହିବା ଉଚିତ । କେଉଁଟି ଭୁଲ ସେମାନେ ଆପଣାଛାଏଁ ଜାଣିପାରନ୍ତି । ସମ୍ଭ୍ରମତା ସେମାନଙ୍କୁ ପରମ ପବିତ୍ରତାର ଉଚ୍ଚତମ ଶିଖରକୁ ଉନ୍ନୀତ କରେ । ଶିଷ୍ଟାଚାର ସମ୍ପନ୍ନ ସ୍ତ୍ରୀମାନେ ଘରେ ବାହାରେ ସମାଜରେ ତଥା ସମଗ୍ର ବିଶ୍ୱରେ ନିଜର କୃତୀତ୍ୱ ଜାହିର କରିପାରିବେ ।

ନାରୀ ଘର ଏବଂ ଧର୍ମର ଅବଲମ୍ବନ । ସେ ଚାହିଁଲେ ଭକ୍ତି ଓ ବିଶ୍ୱାସ ସୁଦୃଢ଼ କରି ପାରିବ ବା ଉତ୍ପାଟନ କରିଦେଇ ପାରିବ । ଭକ୍ତି, ବିଶ୍ୱାସ ଓ ଆଧାତ୍ମିକ ଉଦ୍ୟମ ନାରୀ ମାନଙ୍କର ଏକ ସ୍ୱାଭାବିକ ମନୋଭାବ । ଭକ୍ତି, ବିଶ୍ୱାସ ଓ ବିନମ୍ରତା ଥିବା ମହିଳାମାନେ ପୁରୁଷ ମାନଙ୍କୁ ମଧ୍ୟ ସାଧନା ମାର୍ଗରେ ନେବାକୁ ସମର୍ଥ ହୋଇଥାନ୍ତି । ସେମାନେ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରନ୍ତି, ଗୃହାଙ୍ଗନ ପରିଷ୍କାର କରି ସ୍ନାନ କର୍ମ ସମାପନ କରି ଜପ ଧ୍ୟାନରେ ବସନ୍ତି । ନିଜ ଘରେ ଗୋଟିଏ ସ୍ୱତନ୍ତ୍ର ପୂଜାଘର ସେମାନେ ପସନ୍ଦନ କରନ୍ତି । ସେଠାରେ ଭଗବାନଙ୍କର, ଗୁରୁ ଓ ମହର୍ଷି ମାନଙ୍କର ଚିତ୍ରପଟ୍ଟ ରଖନ୍ତି । ଘରଟିର ପବିତ୍ରତା ରକ୍ଷା କରିବା ସଙ୍ଗେ ସଙ୍ଗେ ସକାଳ ଓ ସଂଧ୍ୟା ଭଜନ ଓ ପର୍ବପର୍ବାଣୀ ପାଳନ ପୂର୍ବକ ଘରର ବାତାବରଣ ନିର୍ମଳ ରଖନ୍ତି । ଅପର ପକ୍ଷରେ ସ୍ତ୍ରୀ ଯଦି ସ୍ୱାମୀକୁ ଆଧାତ୍ମିକ ମାର୍ଗରୁ ଉପଭୋଗ ମାର୍ଗକୁ ଟାଣେ ବା ସ୍ତ୍ରୀ ଆଧାତ୍ମିକ ଆନନ୍ଦ ଆହରଣ କରୁଥିଲା ବେଳେ ସ୍ୱାମୀ ଯଦି ସ୍ତ୍ରୀ ଠାରେ ଦୋଷ ଆରୋପ କରେ ତେବେ ସେପରି ଘର 'ଘର' ପଦବାଚ୍ୟ ନୁହେଁ, ନର୍କ ସଙ୍ଗେ ସମାନ, ଭୂତକୋଠି ସଙ୍ଗେ ସମାନ । ଭଗବାନ ଶ୍ରୀ ସାଇ ସମସ୍ତଙ୍କୁ କୃପା କରନ୍ତୁ, ସମସ୍ତଙ୍କ ଘର ପରିବାର ଆନନ୍ଦ ଓ ଶାନ୍ତିର ସହିତ ନାରୀ ଧର୍ମର ମର୍ଯ୍ୟାଦା ରହୁ ।

**ଶିକ୍ଷାବିତ୍ ରାଜକିଶୋର ମିଶ୍ର, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦**

# ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଓଡ଼ିଶୀ ନୃତ୍ୟ ସହିତ ତବଲା ବାଦନ, ଗଜଲ ଓ ଗଂଜାମର ପାରମ୍ପରିକ ଲୋକନୃତ୍ୟରେ ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଅଛି । ଏହି ସମ୍ମାନ ପ୍ରଦାନ ଉତ୍ସବ ୨୯ ତାରିଖରେ ମଧ୍ୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେବ । ତ୍ରିଧାରା ଏକ ଅଗ୍ରଣୀ ଅନୁଷ୍ଠାନ ଯାହା ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀକୁ ସମର୍ଥନ କରେ । ଏହି ପୁରସ୍କାର ଉତ୍ସବର ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ କିମ୍ବଦ'ୀ ଗୁରୁ ତଥା ଯୁବଶିଳ୍ପୀମାନଙ୍କୁ ସମ୍ମାନ ପ୍ରଦାନ କରିବା ତଥା ସେମାନଙ୍କର କଳାର ପ୍ରଚାର ଓ ପ୍ରସାର କରିବା ଏଥିସହିତ ଓଡ଼ିଶୀ ନୃତ୍ୟ ତଥା ଓଡ଼ିଶାର ଆଦିବାସୀ ନୃତ୍ୟ, ଲୋକ ନୃତ୍ୟ, ପାରମ୍ପାରିକ ନୃତ୍ୟ କ୍ଷେତ୍ରରେ ଗୁରୁ ଦେବପ୍ରସାଦ ଦାସଙ୍କ ଘରାନାକୁ ପ୍ରଦର୍ଶନ ଓ ପ୍ରୋତ୍ସାହିତ କରିବା । ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ । ଏହି ନୃତ୍ୟଟିକୁ ସଂଯୋଜନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ତ୍ରିଧାରାର ନୃତ୍ୟଶିଳ୍ପୀମାନଙ୍କର ନୃତ୍ୟାନୁଗ୍ରହ, ଶରୀରର ଗତିବିଧି ଦ୍ୱାରା ଚମତ୍କାର ପରିବେଷଣ ଏବଂ ଚିତ୍ତାକର୍ଷକ ଅଙ୍ଗଭଙ୍ଗୀ ନୃତ୍ୟ ମାଧ୍ୟମରେ ବେଶ୍ ବାରିହେଉଥିଲା ଯାହା ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକମାନଙ୍କର କରତାଳି ସାଉଣ୍ଟିବାରେ ସକ୍ଷମ ହୋଇଥିଲା । ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନା ଥିଲା ଓଡ଼ିଶୀ ଏକକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ମାଲେସିଆର ଗୀତିକା ଶ୍ରୀ । ତାଙ୍କ ପରିବେଷଣରେ ଥିଲା ସୂର୍ଯ୍ୟାଷ୍ଟକ । ପରେ ପରେ ଦଳଗତ ଓଡ଼ଶୀ ନୃତ୍ୟ ପରିବେଷଣ କରିଥିଲେ କଟକ କଳାବିକାଶ କେନ୍ଦ୍ରର ଶିଳ୍ପୀମାନେ । ସେମାନେ ପରିବେଷଣ କରିଥିଲେ ଲକ୍ଷ୍ମୀ ନୃସିଂହ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ପରିବର୍ତ୍ତୀ ପ୍ରସ୍ତୁତିରେ ଥିଲା ଅନସୁଳ ପ୍ରତାପ ସିଂଙ୍କ ଦ୍ୱାରା ଏକକ ତବଲା ବାଦନ । ତାଳ, ଲୟ ଓ ଛନ୍ଦର ଚମତ୍କାର ସମିଶ୍ରଣରେ ତବଲା ବାଦନରେ



ତୋଡ଼ା, ତୁକ୍‌ଡ଼ା, ତାଇ, ଚକ୍ରଧାର୍ ସହିତ ତିନ୍ ତାଳରେ ୧୬ ମାତ୍ରାରେ ଦର୍ଶକମାନଙ୍କୁ ସେ ବିମୋହିତ କରିଥିଲେ । ସଂଧ୍ୟାର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଆଂଶିକା ଚୌହାନଙ୍କ ଦ୍ୱାରା ଗଜଲ ଗାୟନ । ତାଙ୍କର ଶ୍ରୁତିମଧୁର ସ୍ୱରରେ ଗଜଲ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା । ଉଦ୍‌ଘାଟନୀ ସଂଧ୍ୟାର ଅଂିମ ପ୍ରସ୍ତୁତିରେ ଥିଲା ଗଂଜାମ ଜିଲ୍ଲାର ପାରମ୍ପାରିକ ଲୋକକଳା ନୃତ୍ୟ ସଖୀ ନାଟ ଯାହାକୁ ପରିବେଷଣ କରିଥିଲେ ଗୁରୁ ଆଲୋକ ବିଶୋଇ ଓ ସାଥୀ । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ଓଡ଼ିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର; ଭଦ୍ରକର ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ; ନୃତ୍ୟ ସମାଲୋଚକ ନୀତା ବିଦ୍ୟାର୍ଥୀ; ଆର୍ଟ ଭିଜନର ସଚିବ ଗୁରୁ ଇଲିୟାନା ଚିତାରିଷ୍ଟି, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ବିଶାରଦ ରାମଲି ଇବ୍ରାହିମ, ଚିଂ । ଓ ଚେତନାର ସଚିବ ସୁରେନ୍ଦ୍ର କୁମାର; ପାରାଦୀପ ଫସଫେଟ ଲିମିଟେଡ଼ର ଅଧିକାରୀ ସୁଧିରନ ମିଶ୍ର; ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ।

# ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ, ସନସାଇନ କ୍ଲବ କଟକ ଫାଇନାଲରେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସନସାଇନ କ୍ଲବ କଟକ ୨/୦ ଗୋଲରେ ନେତାଜୀ କ୍ଲବ କେନ୍ଦ୍ରାପଡାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟରେ ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ କଟକ ଟିମର ରାକେଶ ସାହୁ ଓ ଅବିନାଶ ସାମଲ ଗୋଟିଏ ଲେଖାଁଏ ଗୋଲ ଦେଇଥଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ କେହି କାହାରୁକୁ ଗୋଲ ନକରିବାରୁ କଟକ ଟିମ ୨/୦ ଗୋଲରେ ବିଜୟୀ ହୋଇଥିଲା । ଆଜିର ମ୍ୟାଚକୁ ସଲିମ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ ଆସିଫ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ । ଆଜିର ଖେଳରେ ଅତିଥି ଭାବେ ଚହଟା ସମିତିସଭ୍ୟା ସସ୍ମିତା ନାୟକ ଓ ଶିକ୍ଷୟତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇ ବିଜୟୀ ଟିମର ରାକେଶ ସାହୁଙ୍କୁ ମ୍ୟାନଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ବୁଧବାର ଫାଇନାଲ ମ୍ୟାଚ ସନସାଇନ କ୍ଲବ କଟକ ଓ ପ୍ରତାପ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫା ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

# ଦୁଆରଗାଁ ଗ୍ରାମବାସୀ ଙ୍କ ଦ୍ୱାରା ହରିଣ ଉଦ୍ଧାର



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ବେଣାଗାଡିଆ ପଂଚାୟତର ଦୁଆରଗାଁ ମଧ୍ୟକୁ ପଶି ଆସିଥିବା ୨ଟି ହରିଣ ମଧ୍ୟରୁ ଗୋଟିଏ ହରିଣ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଥିବା ବେଳେ ଅନ୍ୟ ହରିଣଟି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରବେଶ କରି ରହିଯାଇଥିଲା । ଗ୍ରାମବାସୀମାନେ ହରିଣଟିକୁ ବିଦ୍ୟାଳୟ ପ୍ରାଙ୍ଗଣରେ ଧରିବା ପରେ ଖଣ୍ଡପଡା ବନବିଭାଗ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ଖଣ୍ଡପଡା ବନାଚଂଳ ଅଧିକାରୀ ଶରତ ଚନ୍ଦ୍ର ଶତପଥିଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିବା ପରେ ସ୍ଥାନୀୟ ବାସିନ୍ଦା ବନବିଭାଗ କର୍ତ୍ତୃପକ୍ଷଙ୍କୁ ହରିଣଟିକୁ ହସ୍ତାନ୍ତର କରିଥିଲେ । ଏଣେତେଣେ ଦୌଡାଦୌଡି କରି ହରିଣଟି ହାଲିଆ ହୋଇ ପଡିଥିଲା । ଖଣ୍ଡପଡା ବନାଚଂଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ହରିଣଟି ପହଂଚିବାର କିଛି ସମୟପରେ ସୁସ୍ଥ ଅବସ୍ଥାକୁ ଫେରିଥିଲା । ପରେ ହରିଣଟିକୁ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିଲା । ସଂରକ୍ଷିତ ଜଙ୍ଗଲରେ ପାଣିର ଅଭାବ ଯୋଗୁଁ ବନ୍ୟଜନ୍ତୁଗୁଡିକ ଏବେ ଜନବସତି ଆଡକୁ ପଳାଇ ଆସି ଲୋକଙ୍କ ହାବୁଡରେ ପଡୁଥିବା ଅନୁମାନ କରାଯାଉଛି । ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ନୟାଗଡ ବନ୍ୟଖଣ୍ଡ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।




# କତାରରେ ବିଶ୍ୱ ଫୁଟବଲ ପୂର୍ବରୁ ପ୍ରବାସୀ ଶ୍ରମିକଙ୍କ ଅଧିକାର ପାଇଁ ଶିଖର ସମ୍ମିଳନୀ

ଭୁବନେଶ୍ୱର,(ପି.ଏନ): କତାରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଫୁଟବଲ୍ କପ୍ ପାଇଁ ରାସ୍ତା ଓ ଷ୍ଟାଡ଼ିୟମ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କ ପାଇଁ ଆନ୍ତର୍ଜାତିକ ଜଙ୍ଗଲ ଓ ନିର୍ମାଣ ଶ୍ରମିକ କର୍ମଚାରୀ ମହାସଂଘ ଆନୁକୁଲ୍ୟରେ ନିର୍ମାଣ ଶ୍ରମିକଙ୍କ ଅଧିକାର ପାଇଁ ଶିଖର ସମ୍ମିଳନୀ ତା. ୨୯-୩୦ ମାର୍ଚ୍ଚ ୨୦୨୨ ରିଖରେ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଶ୍ରମିକ ସଂଗଠନ, ପ୍ରବାସୀ ଶ୍ରମିକ, ଆନ୍ତର୍ଜାତିକ ଘରୋଇ ଶ୍ରମିକ ଫେଡ଼େରେସନ ଫିଫାର ମାନବିକ ଅଧିକାରର ମୁଖ୍ୟ Andreas Graf, Amnesty International ର ମୁଖ୍ୟ May Romanos & Ella Knight ଫୁଟବଲର ସଭାପତି Lise Klaveness, President, the Football Association of Norway ଖେଳ ଓ ମାନବିକ ଅଧିକାର କେନ୍ଦ୍ରର ମୁଖ୍ୟ William Rook, Katar ସରକରଙ୍କର ଶ୍ରମ ମଙ୍ଗଳ ବିଭାଗର ମୁଖ୍ୟ ILO e Marie-José Tayah ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରବାସୀ ଶ୍ରମିକ ମାନଙ୍କ ତରଫରୁ ଭାରତ ଓ ଏସିଆର ପ୍ରତିନିଧି ଭାବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ହାଇବ୍ରିଡ଼ ଭରଚ୍ୟୁଆଲ ସମ୍ମିଳନୀ ଏହି ଆଲୋଚନାରେ ଭାଗ ନେଇ କତାରରେ ଏସିଆ ମହାଦେଶର ଭାରତ, ଫିଲ୍‌ଫାଇନ୍, ବାଙ୍ଗଲାଦେଶ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କାର ପ୍ରବାସୀ ଶ୍ରମିକ କାମ କରୁଛନ୍ତି। ମାତ୍ର ଭାରତରୁ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ସବୁଠାରୁ ବେଶୀ। ପ୍ରବାସୀ ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ସୁରକ୍ଷା, ବକେୟା ଦରମା ଦେବା ପାଇଁ କତାରର ସରକାରଙ୍କ ନିକଟରେ ଶ୍ରମିକମାନଙ୍କ ପାଇଁ ନିର୍ଦ୍ଧାରିତ କରିଥିବା ମଜୁରୀ, ଆଇନ ସମସ୍ତ ସୁବିଧା ଦେବା ପାଇଁ ଡକ୍ଟର ଖୁଣ୍ଟିଆ ଦାବୀ କରିଥିଲେ। କୋଭିଡ୍ - ୧୯ ସମୟରେ ଜୀବନ ଭୟରେ ଭାରତକୁ ଫେରିଆସିଥିବା ଶ୍ରମିକମାନେ ଫେରିଲା ପରେ ଚାକିରୀ ମିଳୁନାହିଁ। ପୂର୍ବରୁ ବକେୟା ଥିବା ମଜୁରୀ ଠିକାଦାରମାନେ ଦେଉନାହାନ୍ତି। ପ୍ରବାସୀ ଶ୍ରମିକମାନେ ଜୀବନକୁ ବିପନ୍ନ କରି ୨୦୨୨ ୱାଲର୍ଡ଼ କପ୍‌କୁ ସଫଳ କରିବା ପାଇଁ କତାର ଦେଶ, ବିଶ୍ୱ ଖେଳ ଓ ଖେଳାଳୀମାନଙ୍କ ପାଇଁ କାର୍ଯ୍ୟକରୁଥିବାରୁ ପ୍ରବାସୀ ଶ୍ରମିକଙ୍କର ଜୀବନ ଜୀବିକା, ସ୍ୱାସ୍ଥ୍ୟ ଚିକିତ୍ସା, ସର୍ବନିମ୍ନ ମଜୁରୀ କତାର ସରକାର ଆଶୁ ପଦକ୍ଷେପ ନେବା ପାଇଁ ଡକ୍ଟର ଖୁଣ୍ଟିଆ ଦାବୀ କରିଛନ୍ତି। ଏହି ଶିଖର ସମ୍ମିଳନୀରେ ଆନ୍ତର୍ଜାତିୟ ଜଙ୍ଗଲ ଓ ନିର୍ମାଣ ଶ୍ରମିକ କର୍ମଚାରୀ ମହାସଂଘର ଉପସଭାପତି ଡାଟ୍‌ମାର୍କ ସଲଫର ସଭାପତିତ୍ୱ କରିଥିଲେ। ସାଧାରଣ ସଂପାଦକ - ଆମ୍ବେତ୍ ୟୁସେନ୍, ଆନ୍ତର୍ଜାତିକ ଜଙ୍ଗଲ ଓ ନିର୍ମାଣ ଶ୍ରମିକ କର୍ମଚାରୀ ମହାସଂଘ ତରଫରୁ ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଏହି ଶିଖର ସମ୍ମିଳନୀରେ ଜର୍ମାନ, ସୁଜରଲାଣ୍ଡ, ନେଦରଲାଣ୍ଡ, ଡ଼େନ୍‌ମାର୍କ, ଫିଲ୍‌ଫାଇନ୍, ବାଙ୍ଗଲାଦେଶ, ପାକିସ୍ତାନ ଓ ଭାରତର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଶ୍ରାଦ୍ଧ ଦିବସରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତିରେମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର ,(ପି.ଏନ): ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପୁରୋଧା , ମହାନ୍ ଦେଶପ୍ରେମୀ ବୀର ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ପବିତ୍ର ଶ୍ରାଦ୍ଧ ଦିବସ ପାଳନ ଅବସରରେ ଆଜି ସକାଳେରାଜଧାନୀ ଭୁବନେଶ୍ୱରରେ ଅବସ୍ଥାପିତ ତାଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା,ଜୟଦେବ ବିଧାୟକ ଶ୍ରୀ ଅରବିନ୍ଦ ଢାଲି, ଗୁଣୁପୁର ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ, ରାୟଗଡା ବିଧାୟକ ଶ୍ରୀ ମକରନ୍ଦ ମୁଦୁଲି, ନବରଙ୍ଗପୁର ବିଧାୟକ ଶ୍ରୀ ସଦାଶିବ ପ୍ରଧାନୀ ପ୍ରମୁଖ ଯୋଗ ଦେଇ ପ୍ରଥମେ ୟୁନିଟ୍-୧ ଆଦିବାସୀ ପ୍ରଦର୍ଶନୀ ପଡିଆଠାରେ ଓ ପରେ ପରେ କଳିଙ୍ଗ ହସ୍ପିଟାଲ ଛକ ଠାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଏସ୍.ସି.ଏସ୍.ଟି.ଆର୍.ଟି.ଆଇ)ର ଉପଦେଷ୍ଟା ତଥା ସ୍ୱତନ୍ତ୍ର ଶାସନ ସଚିବ ଡଃ.ଅଖିଳ ବିହାରୀ ଓତା,ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡା, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ, ରାଜ୍ୟ ସଂସ୍କୃତି ବିଭାଗର ଅନୁ ସଚିବ ଶ୍ରୀ ଲକ୍ଷ୍ମୀଧର ବେହେରା, ଅନ୍ୟ ଅତିଥିଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର କର୍ମକର୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଶ୍ରୀମନ୍ଦିର ପ୍ରସଙ୍ଗରେ ଗୃହ କମିଟି ଗଠନ ହେଉ ବା ମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ : ନରସିଂହ ମିଶ୍ର

ଭୁବନେଶ୍ୱର, (ପି.ଏନ): ଶ୍ରୀମନ୍ଦିରର ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା କାରଣରୁ ଏହା ଉପରେ ବିଧାନସଭାରେ କହି ରେକର୍ଡ କରି ନେଲେ କିଛି ହେବ ନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଶୂନ୍ୟ କାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଶ୍ରୀମନ୍ଦିର ହେଉଛି ଓଡିଶାର ପରିଚୟ । ଯେତେବେଳେ ସେ ଆଇନ ମନ୍ତ୍ରୀ ଥିଲେ ସେତେବେଳେ ଶ୍ରୀମନ୍ଦିରରୁ ପଥର ଖସିଥିଲା ଓ ସେତେବେଳେ ଏ ସମ୍ପର୍କରେ ବିଧାନସଭାରେ ଉଦବେଗ ପ୍ରକାଶ ପାଇଥିଲା । ମାତ୍ର ଏବେ କରିଡର ନିର୍ମାଣ ନାମରେ ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି । ବିଧାନସଭାରେ ବିଧାୟକ ମାନେ ଏବେ ଏହି ପ୍ରସଙ୍ଗ ଉଠାଇଲେଣି । ଏଏସଆଇର ଅନୁମତି ବିନା ଏହି କାମ ହେଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି । ଯଦି ଏହା ସତ୍ୟ ହୋଇଥାଏ ତେବେ ଏହା ସାଂଘାତିକ ।

# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି। ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା। ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି। ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି। ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି। ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି। ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରିପାରିବୁ ନାହିଁ। ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି। ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ। ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି। ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ। ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା। ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ। ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି। ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ। ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ ପ୍ରଦାନ କରୁଛି। ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା ‘ଟୋଟାଲ ହେଲ୍‌ଥ ସ୍କୋର’

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉଗ୍ରତରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି। ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ। ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି। ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ। ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି। ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, ‘ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ। ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ। ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ। ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ। ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା। ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା।

# ତୃପ୍ତି ସାହୁ ଚଳିତ ବର୍ଷର ଶ୍ରେଷ୍ଠ ଅଭିନେତ୍ରୀ ଓ ସମାଜ ସେବୀ ଭାବେ ସମ୍ମାନିତ



ଖୋର୍ଦ୍ଧା ,(ପି.ଏନ): ବରୁଣେଇର ପାଇକ ବିଦ୍ରୋହର ସ୍ମୃତି ସ୍ତମ୍ଭ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାମର୍ଶ ଦେବା ସହ ଅନୁରୋଧ କରିଛନ୍ତି। ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ଗୀତା ଗୋବିନ୍ଦ ସଦନ ଠାରେ ଆୟୋଜିତ ବୁଦ୍ଧିଜୀବି, ସାହିତ୍ୟିକ, ଐତିହାସିକ ତଥା କଳାକାର ମାନଙ୍କ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ହରିଚନ୍ଦନ କହିଲେ ଓଡ଼ିଆ ଜାତିର ଗର୍ବିତ ପରମ୍ପରା ସମଗ୍ର ବିଶ୍ୱ ବିଦିତ ଇଂରେଜ ସରକାର ବିରୁଦ୍ଧରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ପାଇକ ବିଦ୍ରୋହ ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏହି ବୀରତ୍ୱ ପୂର୍ଣ୍ଣ ରକ୍ତାକ୍ତ ସଂଗ୍ରାମର ସ୍ମୃତିକୁ ପ୍ରତ୍ୟେକ ଓଡ଼ିଆ ମାନେ ମନେ ପକାଇବା ସହିତ ନିଜ ମାଟି ଓ ମାତୃଭାଷା ପ୍ରତି ମମତା ବୋଧ ପ୍ରକାଶ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସବୁଜ ବିଶ୍ୱ ପାଇଁ ଆମେ ବୃକ୍ଷରୋପଣ କରିବା ଅଭିଜାନର ଲୋଗୋକୁ ଉନ୍ମୋଚନ କରି ଶ୍ରୀ ହରିଚନ୍ଦନ କହିଲେ ବର୍ତମାନ ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତନ ପରିବେଶ ପ୍ରଦୂଷଣ, ଉତାପ ବୃଦ୍ଧି ଜନିତ ଯେଉଁ ସମସ୍ୟା ଦେଖା ଦେଇଛି ସେଥିପାଇଁ ପ୍ରତ୍ୟେକ ଓଡ଼ିଶା ବାସୀ ବୃକ୍ଷ ରୋପଣ କରିବା ନିତ୍ୟାନ୍ତ ଆବଶ୍ୟକ। ଏହି ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ପୂର୍ବତନ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସଭାପତି ପଦ୍ମ ଭୂଷଣ ବିଶିଷ୍ଟ କବି ରମାକାନ୍ତ ରଥ ଯୋଗ ଦେଇ ଆମ୍ଭର ପୂର୍ବଜ ସାହିତ୍ୟିକ କାହ୍ନୁ ଚରଣ ମହାନ୍ତି, କାଳନ୍ଦି ପାଣିଗ୍ରାହୀ ଆଦିଙ୍କ ତୃପ୍ତିକୁ ସଂରକ୍ଷଣ କରିବାକୁ ରାଜ୍ୟ ସରକାର ଉଦ୍ୟମ କରିବା ନିମନ୍ତେ ମତ ରଖିଥିଲେ। ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମିର ଅଧକ୍ଷ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରି କହିଲେ ଯେ, ପ୍ରତ୍ୟେକ ଓଡ଼ିଆ ନିଜ ଜାତିର ଇତିହାସକୁ ମନେ ପକାଇ ଆଗକୁ ନିଜର ସ୍ୱାଭିମାନ ବଂଚାଇବା ପାଇଁ ଚେଷ୍ଟା କରିବା ସହ ବିଶ୍ୱର ପରିବେଶ ଜନିତ ସଙ୍କଟକୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାକୁ ଅନୁରେଧ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବୀର ମହାସଂଘର ସଭାପତି ଡ଼.ପ୍ରକାଶ ଶ୍ରୀଚନ୍ଦନ ଆବିଭର ଫାଉଣ୍ଡେସନର ସଭାପତି ଡ଼.ଅଶୋକ ସୁନ୍ଦରରାୟ ଚଳଚିତ୍ର ଓ ଧାରାବାହିକ ପ୍ରଯୋଜିକା ବିନି ସାମଲ, ରୋଟାରିଆନ ଯଜ୍ଞଶିଷ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଉତ୍କଳ ଜନନୀର ବୀରତ୍ୱ ପୂର୍ଣ୍ଣ ଗାଥା ଉପରେ ଆଲୋକ ପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ ଡ଼. ସୁବାଷ ଚନ୍ଦ୍ର ନାୟକ, ସମାଜ ସେବୀ ଓ ଶିକ୍ଷାବିତ୍ ଲାୟନ୍ସ ସ୍ମୃତି ସୁଧା ନାୟକ, ଶିକ୍ଷାବିତ୍ ଡ଼. ପତିତ ପାବନ ପଣ୍ଡା, ସକାଳ ଖବର କାଗଜର ସାମ୍ବାଦିକ ଅନୁରାଧା ବାରିକ, ବିଶିଷ୍ଟ ଚଳଚିତ୍ର ଅଭିନେତ୍ରୀ ନମ୍ରତା ସିଂଦେଓ, ଧାରା ବାହିକ ଓ ଚଳଚିତ୍ର ଅଭିନେତ୍ରୀ ଜ୍ୟୋତି ସାହୁ, ଚଳଚିତ୍ର ଧାରାବାହିକ ଅଭିନେତ୍ରୀ ଆଲିସା ବ୍ରହ୍ମା, ଧାରାବାହିକ ଅଭିନେତ୍ରୀ ମାନସୀ ପାଲ, ସ୍ନିଗ୍ଧା ଅଭିନେତା ସୁନିଲ ପଣ୍ଡା, ସାମ୍ବାଦିକ ସୁସ୍ମିତା ମିଶ୍ର ଓ ଚଳଚିତ୍ରର ଶ୍ରେଷ୍ଠ ଧାରାବାହିକ ଓ ଚଳଚିତ୍ର ପ୍ରଯୋଜିକା ଭାବେ ବିନି ସାମଲଙ୍କୁ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ସମ୍ବର୍ଦ୍ଧିତ କରିଥିଲେ।

# ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ




ଭୁବନେଶ୍ୱର,(ପି.ଏନ): ଭାଷା, ସଂସ୍କୃତି, ସାହିତ୍ୟ ତଥା ଆଞ୍ଚଳିକଭି[illegible]କ ଏକତ୍ରୀକରଣ ଏକ ରାଜ୍ୟକୁ ଦେଇଥାଏ ସ୍ୱତନ୍ତ୍ରତା। ଏଥିପ୍ରତି ଯୁବକଯୁବତୀଙ୍କ ଭୂମିକା ନିତାନ୍ତ ଜରୁରୀ ବୋଲି ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି ।ସୂଚନାଯୋଗ୍ୟ ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ୭ଦିନ ବ୍ୟାପୀ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିଭାଗର ଡ଼ିଜି ଡ. ଗଗନେନ୍ଦୁ ଦାସ, ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖାର ଆଞ୍ଚଳିକ ନିର୍ଦ୍ଦେଶିକା ରିତା ଭଗତ, ଉପନିର୍ଦ୍ଦେଶକ ବିମଳ ପାଟ୍ରିକସାହା, ଖୋର୍ଦ୍ଧାଜିଲ୍ଲା ଯୁବ ଅଧିକାରୀ ବିପିନ୍ କୁମାର, ବଡ଼ଗଡ଼ ଯୁବ ଅଧିକାରୀ ଜି. ରୋଷନ ଟଣ୍ଡନ, କେନ୍ଦୁଝର ଜିଲ୍ଲାର ଯୁବ ଅଧିକାରୀ ବସୁନ୍ଧରା ସାହୁ, କନ୍ଧମାଳ ଜିଲ୍ଲା ଯୁବ ଅଧିକାରୀ ନବନିତ କୁମାର, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର ସଂଗଠନର ସହ କାର୍ଯ୍ୟକ୍ରମ ଅଧିକାରୀ କୈଳାସ ଚନ୍ଦ୍ର ମହାନ୍ତି, କୁଳମଣି ମଲ୍ଲିକ, ଶୁଭେନ୍ଦ୍ରନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଖଣି ମାଲିକଙ୍କୁ ଅହେତୁକ ଅନୁକମ୍ପା ଅଭିଯୋଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଲା କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ଖଣି ମାଲିକ ମାନଙ୍କୁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବାର ଅଭିଯୋଗ କରି କଂଗ୍ରେସ ଦଳର ବିଧାୟକ ମାନେ ମଙ୍ଗଳବାର ଦିନ ରାଜ୍ୟ ସରକାରଙ୍କୁ ଘେରିଛନ୍ତି । ଶୂନ୍ୟକାଳରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ସେ ଖଣି ମାମଲାରେ ଆଲୋଚନା କରିବାକୁ ନୋଟିସ ଦେଇଥିଲେ । ମାତ୍ର ତାକୁ ଅଗ୍ରାହ୍ୟ କରି ଦିଆ ଯାଇଛି । ଯେତେବେଳେ ମଧ୍ୟ ସେ ଖଣି ଦୁର୍ନୀତି ମାମଲାରେ ସେ ଓ ତାଙ୍କ ଦଳ ବିଧାନସଭାରେ ଆଲୋଚନା କରିବାକୁ ଦାବି କରିଛନ୍ତି ସେତେବେଳେ ଅନୁମତି ଦିଆ ଯାଇ ନାହି ।

# ଜଙ୍ଗଲ ସୁରକ୍ଷା ଓ ବନାଗ୍ନୀ ପ୍ରତିରୋଧ ସଂପର୍କରେ ସଚେତନତା ଶିବିର







ଚଣ୍ଡିଖୋଲ, (ପି.ଏନ୍)-ଡ଼ାଳିଯୋଡ଼ା ବନାଂଚଳ ରେଂଜ୍ ବୈରୀ ଦ୍ୱାରା ବଡ଼ଚଣା ବ୍ଲକ୍ ଦର୍ପଣ ପଂଚାୟତର ସଂଜୟ ନଗର ଠାରେ ଜଙ୍ଗଲ ସୁରକ୍ଷା ଓ ବନ୍ୟାଗ୍ନୀ ପ୍ରତିରୋଧ ସଂପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଏ.ସି.ଏଫ୍ ମନୋରଂଜନ ସ୍ୱାଇଁ, ରେଂଜ୍ ଅଫିସର୍ ଅଭିରାମ ଜେନା, ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମିନତୀ ସେନାପତି, ଭାଇସ୍ ଚେୟାରମ୍ୟାନ୍ ବିଭାଷ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଯଚିନ୍ଦ୍ର ନାୟକ, ସରପଂଚ ଯଯାତୀ କେଶରୀ ରାଉତ, ରଂଜନ ଦାସ, ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରା, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏ.ସି.ଏଫ୍ ମନୋରଂଜନ ସ୍ୱାଇଁ ଆନୁଷ୍ଠାନିକ ଭାବେ ସଚେତନତା ଶିବିରକୁ ଉଦଘାଟନ କରିଥିଲେ। ସଚେତନତା ଶିବିରରେ ଉଦୀୟମାନ କଳା ପରିଷଦର ଛାତ୍ରଛାତ୍ରୀ ଓ କାର୍ଯ୍ୟକର୍ତା, ମା’ ନଡ଼ିଆ ରାଣୀ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ। ପ୍ରଚଣ୍ଡ ରୌଦ୍ର୍ୟତାପ ସମୟରେ ବାରୁଣାବନ୍ତ ପର୍ବତରେ ଥିବା ଜଙ୍ଗଲ ଓ ପଶୁମାନଙ୍କର କିଭଳି ଭାବେ ସୁରକ୍ଷା ଦିଆଯାଇ ପାରିବ ସେଥିପାଇଁ ସମସ୍ତେ ସଚେତନତା ହେବା ଆବଶ୍ୟକତା ରହିଛି। ଜଙ୍ଗଲରେ ଥିବା ଗଛଗୁଡ଼ିକ କିଭଳି କଟାଯାଇ ନପାରିବ ଓ ଜଙ୍ଗଲରେ ନିଆଁ ନ ଲାଗିବ ସେଥିପାଇଁ ସମସ୍ତେ ପ୍ରଚେଷ୍ଟା ଜାରୀ ରଖିବାର ଆବଶ୍ୟକତା ରହିଛି। ଜଙ୍ଗଲକୁ ବଂଚାଇବାକୁ ହେଲେ ଆମର ତ୍ୟାଗ ଓ କର୍ତବ୍ୟ ଏକାନ୍ତ ଜରୁରୀ, ଏ ଅଂଚଳରେ ଥିବା ସମସ୍ତ ଆଦିବାସୀ ଓ ଦଳୀତ ବର୍ଗର ମା, ଭଉଣୀମାନେ ଜଙ୍ଗଲ ପ୍ରତି ଦୃଷ୍ଟି ଦେବା ଦରକାର। କୌଣସି ବ୍ୟକ୍ତି ଜଙ୍ଗଲରେ ଥିବା ଶୁଖିଲା ଗଛ ପାଖରେ ପତ୍ରରେ ନିଆଁ ନ ଲାଗାଇବା ପାଇଁ ପରାମର୍ଶ ଦେଇଥିଲେ। ସେଠାରେ ଉଦୀୟମାନ କଳା ପରିଷର ପକ୍ଷରୁ ଛୋଟ ଛୋଟ ପିଲାଙ୍କୁ ନେଇ ସଂଗୀତ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମା ନଡ଼ିଆ ରାଣୀ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତାମାନେ ଜଙ୍ଗଲ ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ। ସେଠାରେ ବିଧାୟକ ଶ୍ରୀ ଶତପଥି ବିଭିନ୍ନ ସୁରକ୍ଷା ସମିତିର କର୍ମକର୍ତାମାନଙ୍କୁ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ବହୁ ସଂଖ୍ୟାରେ ଆଦିବାସୀ ମହିଳାମାନେ ଆନନ୍ଦିତ ହୋଇ ଅଦିବାସୀ ପରମ୍ପରାର ନାଚ-ଗୀତ ପରିବେଷଣ କରିଥିଲେ। ଶେଷରେ ବନପାଳ ଶଶିକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ସହିଦ ଲକ୍ଷ୍ମଣ ନାୟକ





ମାଲକାନାଗିରି ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ରେ ଜନ୍ମ ହୋଇଥିଲେ ସହିଦ ଲକ୍ଷ୍ମଣ ନାୟକ। ଶୈଶବରେ ବିଲରେ କାମ କରିବା ଓ ଗାଈ ଚରାଇବା ଭଳି କାର୍ଯ୍ୟରେ ସେ ନିୟୋଜିତ ଥିଲେ। ପରେ ତାଙ୍କ ପିତା ପଦଲାମ ନାୟକ, ତାଙ୍କୁ ଅକ୍ଷର ଲେଖା ଶିଖାଇଥିଲେ। ଫଳରେ ସେ ନିଜ ନାମ ଲେଖିପାରୁଥିଲେ ଏବଂ ବହି ପତ୍ର ପଢ଼ିପାରୁଥିଲେ। ବ୍ରିଟିଶ ସରକାରର ଦମନ ନୀତି ବିରୋଧରେ ପ୍ରତିବାଦ କରିବା ପାଇଁ ଲକ୍ଷ୍ମଣ, ଗାନ୍ଧୀଙ୍କ ଆଦର୍ଶ ଦ୍ୱାରା ନିଜକୁ ପରିଚାଳିତ କରିଥିଲେ। ଘୁମୁସରର ଜନପ୍ରିୟ ନେତା ନୀଳକଣ୍ଠ ପାତ୍ରଙ୍କ ସଂସ୍ପର୍ଶରେ ଆସି ସେ କଂଗ୍ରେସରେ ଯୋଗ ଦେଇଥିଲେ। ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ନଅ ମାସ ସଶ୍ରମ କାରାଦଣ୍ଡ ଭୋଗିଥିଲେ। ମୁକ୍ତ ହେବା ପରେ, ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ। କଂଗ୍ରେସର ନୀତି ଓ ଆଦର୍ଶ ଶିକ୍ଷା କରିଥିଲେ। କଂଗ୍ରେସ ଦ୍ୱାରା ଆୟୋଜିତ ସଭାସମିତିରେ ଯୋଗ ଦେବା ସହ ଗାଁ ଗାଁ ବୁଲି ଗାନ୍ଧୀଙ୍କ ଅହିଂସା ବାର୍ତ୍ତା ପ୍ରଚାର କରିଥିଲେ। ୧୯୪୨ର ଅଗଷ୍ଟ ବିପ୍ଳବ ଥିଲା ତାଙ୍କ ସଂଗ୍ରାମୀ ଜୀବନର ସବୁଠାରୁ ବଡ଼ ଆହ୍ୱାନ। ସେହି ବର୍ଷ ଅଗଷ୍ଟ ୨୧ରେ ଲକ୍ଷ୍ମଣଙ୍କ ନେତୃତ୍ୱରେ ଶତାଧିକ ସ୍ୱାଧୀନତା ସଂଗ୍ରାମୀ ମାଥିଲି ହାଟରେ ଏକତ୍ର ହୋଇ ବିକ୍ଷୋଭ କରିଥିଲେ। ପୁଲିସର ଲାଠି ଓ ଗୁଳି ଚାଳନା ଦ୍ୱାରା ଲକ୍ଷ୍ମଣ ଆହତ ହୋଇ, ବହୁ କଷ୍ଟରେ ଚାଲିଚାଲି ଜୟପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ଜୀବିତ ଥିବା ପୁଲିସ୍ ଜାଣିବା ପରେ ତାଙ୍କୁ ଗିରଫ କରି କୋରାପୁଟ ଜେଲରେ ରଖିଥିଲା। ବିଚାର ପରେ ୧୯୪୩ ମାର୍ଚ୍ଚ ମାସ ୨୯ ତାରିଖରେ ବ୍ରହ୍ମପୁର ଜେଲରେ ଲକ୍ଷ୍ମଣଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା।

**ସୌରଚନ୍ଦ୍ର ମହାପାତ୍ର**, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : soura999mohapatra@gmail.com

# ଅଫିସରଙ୍କ ଅଭିନନ୍ଦନ : ଅମଲାତନ୍ତ୍ରର ସୀମାତିକ୍ରମ ଲକ୍ଷ୍ମଣରେଖା



ନିକଟରେ ପୌର ଓ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ଶାସନରେ ଥିବା ବିଜେଡ଼ିର ବିରାଟ ବଡ଼ ବିଜୟ ହୋଇଛି। ତେବେ ବଡ଼ ଦୁଃଖଦ ପ୍ରସଙ୍ଗ ହେଉଛି ଯେ ସର୍ବଭାରତୀୟ ସେବାରେ ଥିବା ଆଇଏଏସ୍ ଓ ଆଇପିଏସମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି ଯାହାକୁ ଉଭୟ କଂଗ୍ରେସ ଓ ବିଜେପି ବିରୋଧୀ ଦଳ ନିନ୍ଦା କରିଛନ୍ତି। ଏହା ଇତିହାସର ଏକ କଳଙ୍କିତ ପରମ୍ପରା ବୋଲି ବିଜେପି କହିବା ସହ ବିଶ୍ୱାସର ମର୍ଯ୍ୟାଦାକୁ ଡେଇଁଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ଓଡ଼ିଶାରେ ପଞ୍ଚାୟତ ଓ ପୌର ନିର୍ବାଚନ ଯାହା ହେଲା ଓ ଜନମତ ଯେଉଁ ଦଳ ସପକ୍ଷରେ ଗଲା ତାହା ତ ଭିନ୍ନ କଥା କିନ୍ତୁ ଏହାକୁ ଆଇନ ବିଶ୍ୱାସ କୁହାଯାଇପାରିବ ନାହିଁ। ପ୍ରକୃତରେ କହିବାକୁଗଲେ ବିଜେଡ଼ି କ'ଣ ସତରେ ବିଜେପି ବିରୋଧରେ ଲଢୁଥିଲା ? ଏହି ଦୁଇଟି ଦଳ ପାଖରେ ପାଞ୍ଚବର୍ଷ ପରେ ହୋଇଥିବା ପଞ୍ଚାୟତ ଆଠ ବର୍ଷ ପରେ ହୋଇଥିବା ପୌର ନିର୍ବାଚନ ପାଇଁ ନା କୌଣସି ପ୍ରସ୍ତୁତି ଥିଲା ନା ରାଜନୈତିକ ରଣନୀତି। ସର୍ବଭାରତୀୟ ସ୍ତରରେ କଂଗ୍ରେସ ଏବେ ଚିତପଟାଙ୍ଗ ମାରିଲାଣି। ଏହି ସର୍ବଭାରତୀୟ ଦଳ ଉତ୍ତରପ୍ରଦେଶରେ ଅମାନତ ହରାଇ ଏକ ବିଚିତ୍ର କୃତିତ୍ୱ ପାଇଛି। ତେବେ ବଡ଼କଥା ହେଉଛି ଓଡ଼ିଶାରେ ବିଜେପି କରୁଥିଲା କ'ଣ ? ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରରେ ସଶକ୍ତ ରହିଛି ଏବଂ ଏହା ସହ ଓଡ଼ିଶାରେ ମଧ୍ୟ ଦବଦବା ବଡ଼ ଅଛି କିନ୍ତୁ ବଡ଼ ବିଚିତ୍ର କଥା ଏମାନଙ୍କର ନା ସଙ୍ଗଠନ ଅଛି ନା ଏମାନେ ଶାସକ ଦଳର ବିରୋଧୀ। ବଡ଼ କଥା ହେଉଛି ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଚାଲିଥିବାବେଳେ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଭୂୟଂଶୀ ପ୍ରଶଂସା କଲେ। ଏହା କ'ଣ ରାଜନୀତି ? ତେବେ ବଡ଼କଥା ହେଉଛି ଉଭୟ ପୌର ଓ ପଞ୍ଚାୟତ ନିର୍ବାଚନରେ ମ୍ୟାନ ଅଫ ଦି ମ୍ୟାଚ ହେଉଛନ୍ତି ରାଜ୍ୟ ନିର୍ବାଚନ ଆୟୁକ୍ତ ଯାହାଙ୍କ ଅତୀତର ପ୍ରଶାସନିକ ଇତିହାସ କିଛି ଅଭିଜ୍ଞତା ହିଁ ନଥିଲା। ଟଙ୍କା ବଣ୍ଟା, ଭୋଟର ପ୍ରଲୋଭନ, ହିଂସା, ଦୁର୍ନୀତି, ନିର୍ବାଚନ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କ ପକ୍ଷପାତିତା, ଭୋଟ ଗଣତିର ପୂର୍ବ ରାତି ପର୍ଯ୍ୟନ୍ତ ଚାଲିଥିଲା। ଗଣତନ୍ତ୍ରରେ ମତ ଦେବାର ଅଧିକାର କାହାଠୁ ଛଡ଼ାଇ ନିଆଯାଇପାରେ ଓ କୌଣସି ମତଦାତାଙ୍କୁ ତାଙ୍କର ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯାଇପାରେ ଏହା ଅକଳ୍ପନୀୟ। ଦେଶ ସ୍ୱାଧୀନ ହେବାର ୭୫ ବର୍ଷରେ ପରେ ଆମେ ଗୋଟିଏ ତ୍ରୁଟିଶୂନ୍ୟ ମତଦାତା ତାଲିକା ପ୍ରସ୍ତୁତି କରିପାରିନାହୁଁ। ଗଣତନ୍ତ୍ର, ନିର୍ବାଚନ ଓ ମତାଧିକାରକୁ ନଷ୍ଟଭ୍ରଷ୍ଟ କରିଥିବାରୁ କାହାଙ୍କୁ ଉତ୍ତରଦାୟିତ୍ୱ କରାଯିବ ? ଜଣେ ମାନସିକ, ନୈତିକ, ଆଇନଗତ ଓ ପବିତ୍ର ଦାୟିତ୍ୱ ତୁଲାଇବା କ୍ଷେତ୍ରରେ କେତେ ପତିତ ହୋଇପାରେ ଓ କେତେ ନିମ୍ନକୁ ଯାଇପାରେ ଏହି ନିର୍ବାଚନ ତାହାକୁ ଦେଖାଇଦେଇଛି। ଏହି ଦୟନୀୟ ସ୍ଥିତି ପାଇଁ କେବଳ ରାଜନେତା ମାନଙ୍କୁ ନୁହେଁ ବୁଦ୍ଧିଜୀବୀ, ବିରୋଧୀ ଦଳ, ରାଜନୀତି ବିଜ୍ଞାନୀ, ରାଜନୈତିକ ପର୍ଯ୍ୟବେକ୍ଷକ, ଗଣମାଧ୍ୟମ ଓ ସର୍ବୋପରି ଜନସାଧାରଣ ଦାୟୀ। ଅନେକ ତ୍ୟାଗ, ତପସ୍ୟା, ତିତିକ୍ଷା, ସଂଗ୍ରାମ ଓ ବଳୀଦାନ ପରି ମିଳିଥିବା ସ୍ୱାଧୀନତାକୁ ଧ୍ୱଂସ କରାଯାଉଥିବାବେଳେ ସମସ୍ତେ ନୀରବ ରହୁଛନ୍ତି। ଆମ୍ଭେମାନେ କାନ ଉଠିଲା ଦିନଠାରୁ କେବେ ଶୁଣିନୁ ଯେ ଜଣେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପଞ୍ଚାୟତ ଓ ପୌର ନିର୍ବାଚନର ସଫଳତା ପାଇଁ ସର୍ବଭାରତୀୟ ସେବାରେ ଆଇଏଏସ ଓ ଆଇପିଏସ ସଂଘ ଅଭିନନ୍ଦନ ଜଣାଉଛନ୍ତି। ଏହା ଠାରୁ ବଡ଼ ଦୁଃଖ ଓ କଷ୍ଟ କିଛି ନଥାଇପାରେ। ତାମାନେ ଭୋଟ କ'ଣ କିଣା ଯାଉଛି ? ବର୍ଷ ବର୍ଷ ଧରି କିଛି ସୁବିଧା ସୁଯୋଗ ଉପଲବ୍ଧ କରି କ'ଣ ପାଇଁ ଭୋଟର ମାନଙ୍କୁ ଆକର୍ଷିତ କରାଯାଉଛି ? ତେଣୁ ବଡ଼ ଅଚିନ୍ତନୀୟ କଷ୍ଟ ଓ ଯନ୍ତ୍ରଣା ହେଉଛି ଏହା ଯେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ନଷ୍ଟ ହୋଇଯାଉଥିବା ବେଳେ ସମସ୍ତେ ସୁବିଧାବାଦୀ ପାଲଟି ଯାଉଛନ୍ତି।

**ଯୁଧିଷ୍ଠିର ମହାରଣା**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

## ସରକାରୀ ଯୋଜନାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବି: ଗୀତାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ଜିଲ୍ଲା ପରିଷଦ ସଭାପତି ଭାବେ ନିର୍ବାଚିତ ହୋଇଥିବା ଗୀତାଞ୍ଜଳି ସେଠୀ ଲୋକଙ୍କ ସେବା କରିବାକୁ ଅଙ୍ଗୀକାରବଦ୍ଧ ବୋଲି କହିଛନ୍ତି।। ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରା ଯେପରି ସମଗ୍ର ରାଜ୍ୟରେ ଜାରି ରହିଛି କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ସେ ସେହିପରି ଭାବେ ଜାରି ରଖିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଜିଲ୍ଲାର ଉନ୍ନୟନ ପାଇଁ ସମସ୍ତ ପ୍ରକଳ୍ପକୁ ନିଷ୍ଠାର ସହ କାର୍ଯ୍ୟକାରୀ କରବେ ବୋଲି ସେ କହିଛନ୍ତି। ଜିଲ୍ଲା ପରିଷଦର ସମସ୍ତ ସଭ୍ୟଙ୍କୁ ସାଙ୍ଗରେ ନେଇ ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନ ଦିଗରେ ସେ କାର୍ଯ୍ୟ କରିବେ। ପୂର୍ବରୁ ସେ ୨୦୦୨ରୁ ୨୦୦୭ମସିହା ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ଉପସଭାପତି ଭାବେ କାର୍ଯ୍ୟ କରିଛନ୍ତି। ତେଣୁ ପୂର୍ବରୁ ଏ ଦିଗରେ ତାଙ୍କର ଅଭିଜ୍ଞତା ରହିଛି।

# କୋଣାର୍କ ଏନଏସିର ସମସ୍ତ ବିଜୟୀ ପ୍ରାର୍ଥୀ ସାଧୁବାଦ ଜଣାଇଲେ ଭୋଟରଙ୍କୁ



କୋଣାର୍କ (ପିଏନ୍)- ଗତ ୨୪ ତାରିଖରେ ହୋଇଥିବା ପୌର ନିର୍ବାଚନରେ କୋଣାର୍କ ଏନଏସିର ଅଧ୍ୟକ୍ଷା ସଞ୍ଜୁକ୍ତା ତ୍ରିପାଠୀଙ୍କ ସମେତ ୧୩ କାଉନସିଲର ନିଜ ନିଜ ୱାର୍ଡର ସମସ୍ତ ଭୋଟରଙ୍କୁ ସାଧୁବାଦ ଜଣାଇଛନ୍ତି । ଗତ ୨୬ ତାରିଖରେ ଘୋଷିତ ହୋଇଥିବା ପୌର ନିର୍ବାଚନ ଫଳାଫଳ ଅନୁଯାୟୀ ଅଧ୍ୟକ୍ଷା ପଦବୀଟି ବିଜେଡି ହାତକୁ ଯାଇଥିବା ବେଳେ ବିଜେଡିକୁ ୮ଟି, କଂଗ୍ରେସକୁ ୩ଟି ଓ ବିଜେପିକୁ ୨ଟି କାଉନସିଲର ପଦବୀ ମିଳିଛି । ବିଜେଡ଼ିର ଅଧ୍ୟକ୍ଷା ପ୍ରାର୍ଥିନୀ ସଞ୍ଜୁକ୍ତା ତ୍ରିପାଠୀଙ୍କ ସମେତ ୱାର୍ଡ଼ ନଂ.୧ର କଂଗ୍ରେସର ପ୍ରାର୍ଥିନୀ ମମତା ଦାସ, ୱାର୍ଡ଼ ନଂ.୨ର ସ୍ୱାଧିନ ପ୍ରାର୍ଥିନୀ ରୀନା ବିଶ୍ୱାଳ (ବିଜୟୀ ହେବା ପରେ ବିଜେଡିରେ ଯୋଗଦାନ କରିଛନ୍ତି), ୱାର୍ଡ଼ ନଂ.୩ର ବିଜେଡି ପ୍ରାର୍ଥୀ ସମୟରଞ୍ଜନ ସାହ, ୱାର୍ଡ଼ ନଂ.୪ର ବିଜେଡ଼ି ପ୍ରାର୍ଥି ସୁରେଶ୍ଚନ୍ଦ୍ର ରାଉତରାୟ, ୱାର୍ଡ଼ ନଂ.୫ର କଂଗ୍ରେସ ପ୍ରାର୍ଥୀ ନିହାର ରଞ୍ଜନ ବେଉରା, ୱାର୍ଡ଼ ନଂ.୬ର ବିଜେଡି ପ୍ରାର୍ଥୀ ବିଶୋମ୍ବର ବିଶ୍ୱାଳ, ୱାର୍ଡ଼ ନଂ.୭ର କଂଗ୍ରେସ ପ୍ରାର୍ଥୀ କୃଷ୍ଣପ୍ରିୟା ନାୟକ, ୱାର୍ଡ଼ ନଂ.୮ର ବିଜେପି ପ୍ରାର୍ଥୀ ଦିଲ୍ଲିପ କୁମାର ଦାସ, ୱାର୍ଡ଼ ନଂ.୯ର ବିଜେପି ପ୍ରାର୍ଥୀ ସୌମ୍ୟ ସୌରଭ ଦାଶ, ୱାର୍ଡ଼ ନଂ.୧୦ର ବିଜେଡ଼ି ପ୍ରାର୍ଥିନୀ ସ୍ୱପ୍ନା ଗୋଛାୟତ, ୱାର୍ଡ଼ ନଂ.୧୧ର ବିଜେଡି ପ୍ରାର୍ଥିନୀ ସ୍ୱର୍ଣ୍ଣଲତା ଦାସ, ୱାର୍ଡ଼ ନଂ.୧୨ର ବିଜେଡି ପ୍ରାର୍ଥିନୀ ସୌଦାମିନୀ ମଲ୍ଲିକ, ୱାର୍ଡ଼ ନଂ.୧୩ର ବିଜେଡି ପ୍ରାର୍ଥିନୀ ସୁଭସ୍ମିତା ପାତ୍ର ବିଜୟୀ ହେବା ପରେ ନିଜ ନିଜ ୱାର୍ଡ ପରିକ୍ରମା କରି ସମସ୍ତ ଭୋଟରଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଉପମା ବେହେରା ,ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା

ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଭାବେ ବନମାଳୀପୁର ପଂଚାୟତରୁ ନବନିର୍ବାଚିତ ସମିତିସଭ୍ୟା ଉପମା ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପ୍ରଶାସନ ସୁତ୍ରରୁ ଜଣାପଡିଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ ଦଶପଲ୍ଲା ବ୍ଲକ ବିଡିଓ ବିଶ୍ୱରଂଜନ ବିଶ୍ୱାସ ସମସ୍ତ ଦାୟିତ୍ୱ ତୁଲାଇଥିଲେ । ଖଣ୍ଡପଡା ବ୍ଲକ ଅଧିନ ୨୨ଟି ପଂଚାୟତରୁ ୧୯ଜଣ ନବନିର୍ବାଚିତ ସମିତିସଭ୍ୟ/ସଭ୍ୟା ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ । ଅଧ୍ୟକ୍ଷା



ପଦବୀ ପାଇଁ ବନମାଳୀପୁର ପଂଚାୟତ ସମିତିସଭ୍ୟା ଶ୍ରୀମତି ବେହେରା ଏକମାତ୍ର ପାର୍ଥୀନି ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ । ଫଳରେ ନିର୍ବାଚନ ଅଧିକାରୀ ନିର୍ଦ୍ଧାରିତ ସମୟ ପରେ ଅଧ୍ୟକ୍ଷା ଭାବେ ଉପମାଙ୍କ ନାମ ଘୋଷଣା କରିଥିଲେ । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ବ୍ଲକ ଅଧ୍ୟକ୍ଷାଙ୍କୁ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଖଣ୍ଡପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ରାଣୀପଡା ପଂଚାୟତର ସମିତିସଭ୍ୟ ଶିଶିର କୁମାର ସାହୁଙ୍କ ଗୋଟିଚାଳନା ଯୋଗୁଁ ବ୍ଲକ ଅଧ୍ୟକ୍ଷା ପଦବୀ ଶାସକ ଦଳ କବ୍‌ଜାକୁ ଯାଇଥିବା ଜଣାପଡିଛି ।

# ୨୦୦ ଯୁବକ ଯୁବତୀ ସାମିଲ୍, ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ, ଓଡ଼ିଶା ଏବଂ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଭୁବନେଶ୍ୱରସ୍ଥିତ କିଟ୍ କ୍ୟାମ୍ପସ୍ ପରିସର ମଧ୍ୟରେ ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛତିଶଗଡ଼, ଝାରଖଣ୍ଡ ରାଜ୍ୟରୁ ୨୦୦ ଆଦିବାସୀ ଯୁବକ, ଯୁବତୀ ଅଂଶଗ୍ରହଣ କରିଛନ୍ତି। ଆଦିବାସୀ ମାନଙ୍କର ଚଳିଚଳଣୀ, ଖାଦ୍ୟପେୟ, ଭାଷା, ସଂସ୍କୃତି, ଶିକ୍ଷା, ପରମ୍ପରା ଓ ଆଦାନ ପ୍ରଦାନ ସହ ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ୍ କରି ଆଗକୁ ନେବା ହିଁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୁଲିସ୍ ଆଇ.ଜି. ଅମିତାଭ ଠାକୁର, କିଟ୍ ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲର୍ ପ୍ରଫେସର ସସ୍ମିତାରାଣୀ ସାମନ୍ତ, ବେଦାନ୍ତ ଗ୍ରୁପ୍ ଓଡ଼ିଶାର ଅଧକ୍ଷ ଟି.କେ ଚନ୍ଦ, ନାବାର୍ଡର ପୂର୍ବତନ ସହ-ପ୍ରବନ୍ଧକ ବିଧୁଭୂଷଣ ପଟ୍ଟନାୟକ, ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖାର ଆଞ୍ଚଳିକ ନିର୍ଦ୍ଦେଶିକା ରିତା ଭଗତ, ଉପ-ନିର୍ଦ୍ଦେଶକ ବିମଲ ପାଟ୍ରିକ୍ ଶାହା, କେଉଁଝର ଜିଲ୍ଲାର ଯୁବ ଅଧିକାରୀ ବସୁନ୍ଧରା ସାହୁ, ଖୋର୍ଦ୍ଧା ଜିଲ୍ଲାର ଯୁବ ଅଧିକାରୀ ବିପିନ୍ କୁମାର, କନ୍ଧମାଳ ଜିଲ୍ଲାର ଯୁବ ଅଧିକାରୀ ନଭନିତ କୁମାର, ବରଗଡ଼ ଜିଲ୍ଲାର ଯୁବ ଅଧିକାରୀ ଜି. ରୋଶନ ଟଣ୍ଡନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ସଂଗଠନର ସହ କାର୍ଯ୍ୟକ୍ରମ ଅଧିକାରୀ କୈଳାସ ଚନ୍ଦ୍ର ମହାନ୍ତି, ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ ଏବଂ ଖୋର୍ଦ୍ଧା ଜିଲ୍ଲାର ଯୁବ ସ୍ୱେଚ୍ଛାସେବୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ରହଣି ସମୟରେ ଓଡ଼ିଶାର ବିଭିନ୍ନ ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ବିଭିନ୍ନ ଦର୍ଶନୀୟ ସ୍ଥାନ, ଜନଜାତି ସଂଗ୍ରହାଳୟ, କଲରାବାଙ୍କର ଆଦର୍ଶ ଗ୍ରାମ ଇତ୍ୟାଦି ଭ୍ରମଣ କାର୍ଯ୍ୟକ୍ରମ ରହିବା ସହ ଓଡ଼ିଶାର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକଙ୍କ ନିକଟରୁ ଜଣାପଡ଼ିଛି।

## ଜିଲ୍ଲା ପରିଷଦ ସଭାପତି ଓ ସଭ୍ୟମାନେ ଶପଥ ନେଲେ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପରିଷଦ ସଭାପତି ନିର୍ବାଚନ ଶେଷ ହେବା ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ନବନିର୍ବାଚିତ ସଭାପତି ଗୀତାଞ୍ଜଳି ସେଠୀଙ୍କ ସମେତ ଜିଲ୍ଲାର ସମସ୍ତ ନବନିର୍ବାଚିତ ୩୨ଜଣ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାଙ୍କୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ମନ୍ଦରଧର ମାହାଳି, ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ରାଜସ୍ୱ ସହକାରୀ ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କବିତା ସଂକଳନ 'ସତ୍‌ପଥର ପଦାତିକ' ଲୋକାର୍ପିତ




ଖୋର୍ଦ୍ଧା (ପିଏନ୍): ମୌଳିକ ଇତିହାସ ତଥ୍ୟ ଓ ସତ୍ୟକୁ ସାମ୍ନାକୁ ଆଣିଥାଏ। ତୃଣମୂଳ ସ୍ତରର ଇତିହାସକୁ ଉଜାଗର କରି ଏହା ଆମ ଇତିହାସ ଓ ପରମ୍ପରାକୁ ଆଗାମୀ ପିଢି ସହ ପରିଚୟ କରାଇଥାଏ। ସେହିଭଳି ଜଣେ ଐତିହାସିକ ହେଉଛନ୍ତି ସତ୍ୟବାଦୀ ବଳିଆରସିଂହ। ରଣପୁର ଓ ଖୋର୍ଦ୍ଧାର ଇତିହାସ, ସାହିତ୍ୟ ଓ ସଂସ୍କୃତିକୁ ସେ ସମୃଦ୍ଧ କରିଛନ୍ତି। ଶ୍ରୀଯୁକ୍ତ ବଳିଆରସିଂହଙ୍କ ୭୪ତମ ଜନ୍ମୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଜିତୁ ମିତ୍ର ଦେଇ ଏହା କହିଛନ୍ତି। ସ୍ଥାନୀୟ ବକ୍ସି ଜଗବଂଧୁ ନଗର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ କବି ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଐତିହାସିକ ଶ୍ରୀଯୁକ୍ତ ବଳିଆରସିଂହଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ତାଙ୍କର ଜୀବନୀ ଆଧାରିତ କବିତା ପୁସ୍ତକ 'ସତ୍‌ପଥର ପଦାତିକ' ଲୋକାର୍ପିତ ହୋଇଥିଲା। ଶିକ୍ଷାବିତ୍ କାଳିଚରଣ ଜୟସିଂହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ବରେଣ୍ୟ ଅତିଥି ଭାବେ ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର, କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ, କବି ବୈକୁଣ୍ଠନାଥ ରାଜଗୁରୁ, ବରିଷ୍ଠ ଆଇନଜୀବୀ ଶିବସୁନ୍ଦର ପଟ୍ଟନାୟକ, ଆମରିସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ଗାଳ୍ପିକ ଡ, ସୁରେଶ ଛୋଟରାୟ ପ୍ରମୁଖ ବକ୍ତବ୍ୟ ରଖି କହିଥିଲେ ଯେ, ଶ୍ରୀଯୁକ୍ତ ବଳିଆରସିଂହ ସାହିତ୍ୟିକ, ଐତିହାସିକ, ଶିକ୍ଷାବିତ୍, ସାମ୍ବାଦିକ, ସମାଜସେବୀ ଭାବେ ବହୁମୁଖୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କର ସାମାଜିକ ଅବଦାନ ଏ ଜାତି କେବେ ବି ଭୁଲିବ ନାହିଁ। କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ବଳିଆରସିଂହଙ୍କ ବାଲ୍ୟବଂଧୁ ଓ ସହପାଠୀ ତଥା ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପୁରୋଧା ଇଂ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଏହି ଅବସରରେ ସମ୍ବର୍ଧିତ କରାଯାଇଥିଲା। ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ସଂପାଦକ ସୁଧୀର ମାନସିଂହ, କଳିଙ୍ଗ ପାଇକ ସଂଗଠନର ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଖୋର୍ଦ୍ଧା ବିଷୁବ ମିଳନ ସମିତିର ସଂପାଦକ ଜ୍ଞାନରଂଜନ ଦାଶ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, ଡ. ଚପଳା ପଣ୍ଡା, କବି ବିଭୁପ୍ରସାଦ ହରିଚନ୍ଦନ, ବାସନ୍ତୀ ଦେଇ, ବିଳାସିନୀ ଦାଶ, ରଶ୍ମିତା ନାୟକ, ରଜନୀ ନାୟକ, ଦିବ୍ୟଲୋଚନ ଭାରିମଲ୍ଲ, ରାଜକିଶୋର କେଇ, ଗୟାପ୍ରସାଦ ମିଶ୍ର, କାହ୍ନୁଚରଣ ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ରାଜକିଶୋର ବଳିଆରସିଂହ, ବିଦ୍ୟାଧର ଲେଙ୍କା, କୈଳାସ ଚନ୍ଦ୍ର ପୃଷ୍ଟି, ସୌଭାଗ୍ୟ କୁମାର କର, ତ୍ରିନାଥ ପାଲଟାସିଂହ ପ୍ରମୁଖ କବିତା ପାଠ ଓ ବକ୍ତବ୍ୟ ମାଧ୍ୟମରେ ଐତିହାସିକ ଶ୍ରୀଯୁକ୍ତ ବଳିଆରସିଂହଙ୍କ ମହାନ୍ ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଗାୟତ୍ରୀ ମାତାଙ୍କ ପୂଜାର୍ଚ୍ଚନା ସହ ସଭା ଆରଂଭ ହୋଇଥିଲା। ସଂଭବ ବଳିଆରସିଂହ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିକ୍ରମ କେଶରୀ ଚମ୍ପତି, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, ଯୁବଉଦ୍ୟୋଗୀ ଶିଳାଦିତ୍ୟ ବଳିଆରସିଂହ, ଜ୍ୟୋତିରଂଜନ ସାହୁ, ରଶ୍ମୀବାଳା ପୃଷ୍ଟି, ସରୋଜିନୀ ସାହୁ, ଉର୍ମିଳା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଧ୍ର ରାଜ୍ୟପାଳଙ୍କୁ କମ୍ରେଡ଼ ବନମାଳୀ ଜେନା ସ୍ମୃତି ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ପି.ଏନ): କମ୍ରେଡ଼ ବନମାଳୀ ଜେନା ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ କମ୍ରେଡ଼ ବନମାଳୀ ଜେନା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସ୍ମୃତି କମିଟି ତରଫରୁ ଆଜି ପୂର୍ବାହ୍ନରେ ଶ୍ରୀ ହରିଚନ୍ଦନଙ୍କ ବାସଭବନରେ ରୌପ ମୟୁର ଏବଂ ଉତରୀୟ ଦେଇ ଏହି ସମ୍ମାନିତ କରାଯାଇଥିଲା। ସ୍ମୃତି କମିଟିର ଆୟୋଜକ ଅଭୟ ବଡ଼ଜେନା, ଅକ୍ଷୟ କୁମାର ଦାସ, ରଞ୍ଜନ କୁମାର ଜେନା, ବିଜୟ କୁମାର ଜେନା ଓ ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନ ଗ୍ରହଣ ପରେ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ବନମାଳୀ ଜେନା ଜଣେ ସଚ୍ଚୋଟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠାପର ଯୋଗୁ ସେ ସାରା ଭୁବନେଶ୍ୱରରେ ଲୋକପ୍ରିୟତା ଅର୍ଜନ କରିଥିଲେ। ସେ ମଣିଷ ଭିତରେ ହୀରା ଓ ସଚ୍ଚୋଟ ଓଡ଼ିଆ ଭାବରେ ଗର୍ବିତ ଥିଲେ। ତାଙ୍କ ଆଦର୍ଶରେ ଆଜିର ଯୁବପିଢି ଅନୁପ୍ରାଣିତ ହେଲେ ଓଡ଼ିଶା ବିଶେଷ କରି ରାଜଧାନୀବାସୀଙ୍କ ସାମୂହିକ ସମସ୍ୟା ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

## ସଂସଦ ଭବନରେ ମୁଖ୍ୟମନ୍ତ୍ରୀ , ଓଡିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାଇବାକୁ ସାଂସଦଙ୍କୁ ପରାମର୍ଶ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତିନି ଦିନିଆ ନୂଆଦିଲ୍ଲୀ ଗସ୍ତ ଅବସରରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଓ ବିଭିନ୍ନ ଦଳର ସାଂସଦମାନଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ବିଜେଡି ସଂସଦୀୟ ଦଳ ବୈଠକରେ ଯୋଗ ଦେଇ ଓଡିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡିକୁ ସଂସଦରେ ଉପସ୍ଥାପିତ କରିବାକୁ ବିଜେଡି ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି ।ତେବେଏହି ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବାର କୌଣସି କାର୍ଯ୍ୟକ୍ରମ ନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେହିପରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ମଧ କୌଣସି ବୈଠକ ହେବନି। ବିରୋଧୀ ଦଳ ନେତାଙ୍କ ସହ ମଧ୍ୟ ଆଲୋଚନା ହେବନି । ସେ ଆହୁରି କହିଛନ୍ତି ରାଷ୍ଟ୍ରପତି ନିର୍ବାଚନ ନେଇ ଏଯାଏ କୌଣସି ଆଲୋଚନା ହୋଇନି । ସେପଟେ ଦିଲ୍ଲୀରେ ନବୀନଙ୍କ ସହ ଆଲୋଚନା କରିଛନ୍ତି ଡିଏମକେ ଓ ଏଆଇଡିଏମକେ ନେତା ।ନବୀନ ପଟ୍ଟନାୟକ ସଂସଦ ଭବନରେ ପହଂଚିବା ମାତ୍ରେ ବିଜେଡି ସାଂସଦମାନେ ତାଙ୍କୁ ପାଛୋଟି ନେଇଥିଲେ । ବିଜେଡି ସଂସଦୀୟ ଦଳ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ସଂସଦର ବିଜେଡି କାର୍ଯ୍ୟାଳୟରେ ଓଡ଼ିଶାର ପୁରୁଣା ପ୍ରସଙ୍ଗ ଓ ସ୍ୱାର୍ଥକୁ ନେଇ ଦଳୀୟ ସାଂସଦଙ୍କ ସହ ଆଲୋଚନା ବେଳେ ଗମ୍ଭୀରତାର ସହ ରାଜ୍ୟର ପୁରୁଣା ଦାବିକୁ ସଂସଦର ଉଭୟ ଗୃହରେ ଉପସ୍ଥାପନ ପାଇଁ ସେ ସାଂସଦମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ।

## ଏପ୍ରିଲ ପହିଲାରୁ ପୁରୀରେ ମୋ ବସ୍ ସେବା

ଭୁବନେଶ୍ୱର, (ପି.ଏନ): ଏପ୍ରିଲ୍ ୧ ତାରିଖରୁ ପୁରୀ ସହରରେ ଚାଲିବ 'ମୋ ବସ୍' । କ୍ୟାପିଟାଲ୍ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି ।ପ୍ରଥମେ ସହରର ଦୁଇଟି ରୁଟ୍- ୫୨ ଓ ୫୩ ରେ 'ମୋ ବସ୍' ଗଡ଼ିବ। ରୁଟ୍ ନମ୍ବର ୫୨ ଅର୍ଥାତ୍ ପୁରୀ ବସ୍ଷ୍ଟାଣ୍ଡ ଓ ଲାଇଟ୍ ହାଉସ୍ ମଧ୍ୟରେ ମୋ ବସ୍ ଚାଲିବ। ପୁରୀ ବସ୍ଷ୍ଟାଣ୍ଡରୁ ମୋ ବସ୍ ବାହାରି ପୁରୀ ରେଳ ଷ୍ଟେସନ୍, ଜିଲ୍ଲା ସ୍କୁଲ୍, ଟୁରିଷ୍ଟ୍ ଅଫିସ୍ ସି ବିଚ୍ ରୋଡ୍, ଚୈତନ୍ୟ ସ୍କୋୟାର ଓ ସ୍ୱର୍ଗଦ୍ୱାର ଦେଇ ଲାଇଟ୍ ହାଉସ୍ ରେ ପହଂଚିବ। ସେହିଭଳି ଲାଇଟ୍ ହାଉସ୍ ର ଯେଉଁ ବସ୍ ବାହାରିବ ତାହା ଏହି ସବୁ ସ୍ଥାନ ଦେଇ ପୁରୀ ବସ୍ଷ୍ଟାଣ୍ଡରେ ପହଂଚିବ ।ସେହିଭଳି ରୁଟ୍ ନମ୍ବର ୫୩ ମାଳତୀପାଟପୁର ବସ୍ଷ୍ଟାଣ୍ଡ ଓ ପୁରୀ ବସ୍ଷ୍ଟାଣ୍ଡ ମଧ୍ୟରେ ଚାଲିବ।

## ଅନାବାଦୀ, ଗୋଚର ଜମି ଜବରଦଖଲ ପ୍ରତିବାଦରେ ଯୁବ କଂଗ୍ରେସର ଡିସିପି ଅଫିସ ଘେରାଉ

ଭୁବନେଶ୍ୱର, (ପି.ଏନ); ରାଜ୍ୟ ରାଜଧାନୀ ଓ ଏହାର ଉପକଣ୍ଠସ୍ଥ ନାରଗୋଦା ଓ ଘଙ୍ଗାପାଟଣାରେ ସରକାରୀ ଜମି ଜବରଦଖଲ, ସାଧାରଣ ଜନତାଙ୍କ ଜମି ଉପରେ ବେଆଇନ୍ କବ୍ଜା ସହ ତାହାକୁ ନିଜ ନାମରେ ପ୍ଲଟ୍ କରି ବିକୁଛନ୍ତି ଜମି ମାଫିଆ। ଭୁବନେଶ୍ୱରରେ ଶାସନ କଳ, ଅମଲା ଓ ପୋଲିସ ବିଭାଗ ଥିବା ସତ୍ତ୍ୱେ ସେମାନଙ୍କ ନାକ ତଳେ ଚାଲିଛି ଏଭଳି ବେଆଇନ ଜମି ହଡ଼ପ। ଏହାର ପ୍ରତିବାଦ ସ୍ୱରୂପ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ସଭାପତି ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ମଙ୍ଗଳବାର ଡିସିପି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି ଯେ, ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ମାଫିଆ ଓ ଚିଟ୍‌ଫଣ୍ଡ ଦଲାଲମାନେ ଅବାଧରେ ବେଆଇନ୍ ଜମି କାରବାର ଚଳାଇଛନ୍ତି। ସେମାନଙ୍କ କବ୍ଜାରେ ଅନାବାଦୀ ଓ ଗୋଚର ଜମି। ଏବେ ମାଫିଆମାନଙ୍କର ଏଭଳି ବେଆଇନ କାରବାରର ଶିକାର ହୋଇଛନ୍ତି ନାରଗୋଦା ଓ ଘଙ୍ଗାପାଟଣା ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ହେଉଛି ଯେ ଶ୍ରୀକ୍ରିଷ୍ଣା କନ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ବ୍ରହ୍ମାନନ୍ଦ ମଙ୍ଗରାଜ ଏଭଳି ବେଆଇନ୍ ଜମି କାରବାରରେ ଲିପ୍ତ ଅଛନ୍ତି। ନାରଗୋଦାରେ ଥିବା ୪.୫୭୫ ଏକର (ପ୍ଲଟ୍ ନଂ-୬୧, ସୁବୁଦ୍ଧିପୁର) ଲିଜ୍ ଜମିକୁ ଚଂଚକତା କରି ଘରବାଡ଼ି ଓ ସ୍ଥିତିବାନ କରି ପ୍ରାୟ ୩୦ କୋଟି ଟଙ୍କାରେ ବିକ୍ରି କରିଛନ୍ତି। ଏହି ଜମି ସଂଲଗ୍ନ ସରକାରୀ ଅନାବାଦୀ ଓ ଗୋଚର ଜମିକୁ ମଧ ଜବରଦଖଲ କରିଛନ୍ତି। ଏହାର ବିରୋଧ କଲେ ଗ୍ରାମବାସୀଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକାଇବା ଓ ମିଛ କେସ୍‌ରେ ଫସାଇବାର ଭୟ ଦେଖାଯାଉଛି। ସେହିପରି ଘଙ୍ଗାପାଟଣା ଗ୍ରାମରେ ଥିବା ପ୍ଲଟ୍ ନଂ-୧୨୧୪ ଜମି, ଗ୍ରାମଦେବୀଙ୍କ ପ୍ରାଚୀନ ମନ୍ଦିର, ମଣ୍ଡପ, ଜଳାଶୟ ଭାଙ୍ଗି ପାଖରେ ଥିବା ସମସ୍ତ ଗଛଗୁଡ଼ିକୁ କାଟି ଦିଆଯାଇଛି। ବେଆଇନ୍ ମାଟି ଚାଲାଣ କରାଯାଉଛି। ସେହିପରି ତମାଣ୍ଡୋସ୍ଥିତ ଏକ ଜୁନିୟର କଲେଜ ନାଁରେ ମଧ ସେ ଚଂଚକତା କରିଛନ୍ତି। ପିଲାଙ୍କ କ୍ୟାରିୟର ଓ ଭବିଷ୍ୟତ ସହ ଖେଳୁଛନ୍ତି। ଏହାର ପ୍ରତିବାଦ କରି ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ରାଜ୍ୟ ଯୁବ କଂଗ୍ରେସ ସହ ଡିସିପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଯୁବ କଂଗ୍ରେସ ସଭାପତି ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କା ଚେତାବନୀ ଦେଇଛନ୍ତି।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

## ଜାତିଗତ ଜନଗଣନା , ଓବିସି ସଂରକ୍ଷଣ ପ୍ରସଙ୍ଗ ଉଠାନ୍ତୁ ମୁଖ୍ୟମନ୍ତ୍ରୀ : ସମାଜବାଦୀ ପାର୍ଟି

ଭୁବନେଶ୍ୱର, (ପି.ଏନ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତ ଅବସରରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ନେଇ ସେ କେନ୍ଦ୍ରମନ୍ତ୍ରୀ ଓ ଆବଶ୍ୟକ ପଡ଼ିଲେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଜାତିଗତ ଜନଗଣନା ଓ ପଛୁଆବର୍ଗ ସଂରକ୍ଷଣ ପ୍ରସଙ୍ଗକୁ ଉତଥାପିତ କରିବା ପାଇଁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି । ଏହି ଚିଠିରେ ସେ ପ୍ରକାଶ କରିଛନ୍ତି ଯେ, ଜାତିଗତ ଜନଗଣନା ନ ହୋଇଥିବା ଯୋଗୁଁ ରାଜ୍ୟର ୫୨ ଭାଗ ପଛୁଆବର୍ଗ ଲୋକ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ୨୭% ସ୍ଥାନ ସଂରକ୍ଷଣରୁ ବଞ୍ଚିତ ହେଉଛନ୍ତି । ସେହିଭଳି ଗତ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ମାନ୍ୟବର କୋର୍ଟ ମଧ ସେମାନଙ୍କର ସଂରକ୍ଷଣକୁ ଅଗ୍ରାହ୍ୟ କରିଦେଲେ । ଫଳରେ ରାଜ୍ୟର ୫୨ ଭାଗ ଜନସାଧାରଣ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଲେ । ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସହିତ ଉପସ୍ଥାପିତ କରି ଓଡ଼ିଶା ସଂରକ୍ଷଣ ଆଇନ୍‌କୁ ସମ୍ବିଧାନର '୯ମ ଅନୁଛେଦ'ର ଦୃଢ ଭାବେ ଉଠାଇବା ପାଇଁ ଶ୍ରୀ ବେହେରା ଏହି ପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଭାରତ ବନ୍ଦର ଦ୍ୱିତୀୟ ଦିନ : ରାଜଧାନୀରେ ଶୋଭାଯାତ୍ରା, ପିକେଟିଂ କରି ଶତାଧିକ ଗିରଫ

ଭୁବନେଶ୍ୱର, (ପି.ଏନ): ୧୨ ଦଫା ଦାବି ନେଇ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନମାନଙ୍କ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ଦ୍ୱିତୀୟ ଦିନରେ ଆଜି ରାଜଧାନୀ ଭୁବନେଶ୍ୱରରେ ଶୋଭାଯାତ୍ରା ଓ ପିକେଟିଂ ସଂଗଠିତ ହେବା ସହିତ ଶତାଧିକ ନେତା ଓ କର୍ମୀଙ୍କୁ ପୋଲିସ ଗିରଫ କରିଛି। ମଙ୍ଗଳବାର ପୂର୍ବାହ୍ନରେ ଭଗବତୀ ଭବନଠାରୁ ସିପିଆଇ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା ଓ ଏଆଇଟିୟୁସିର ଉପ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀମାନେ ଅଶୋକନଗର ଅଞ୍ଚଳ ପରିକ୍ରମା କରି ରାଜମହଲ ଓ ମାଷ୍ଟରକ୍ୟାଂଟିନ ଦେଇ ପିଏମଜିଠାରେ ପିକେଟିଂ ସହ ଦୋକାନବଜାର ବନ୍ଦ ଏବଂ ସରକାରୀ ଓ ପ୍ରାଇଭେଟ୍ ବସ୍ ଅଟକାଉଥିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା ।ଅନ୍ୟମାନଙ୍କ ମଧ୍ୟରେ କ୍ଷେତମୂଲିଆ ନେତା ଶରତ ସ୍ୱାଇଁ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଶ୍ରମିକ ନେତା ବିପ୍ଳବ ମହାପାତ୍ର, ନାରୀନେତ୍ରୀ ନମିତା ସାହୁ, ଅଶୋକ ବାରିକ ଓ ମଙ୍ଗଳା ସେଠୀ ପ୍ରମୁଖ ଏହି ଶୋଭାଯାତ୍ରା ଓ ପିକେଟିଂର ନେତୃତ୍ୱ ନେଇଥିଲେ ।ସେହିପରି ରାଜମହଲ ଛକଠାରୁ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନମାନଙ୍କ ପକ୍ଷରୁ ଏକ ମିଳିତ ଶୋଭାଯାତ୍ରା ବାହାରିଥିଲା। ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଆଇଏନଟିୟୁସିର କିଶୋର ଜେନା, ସିଆଇଟିୟୁର ଦୁଷ୍ମନ୍ତ ଦାସ, ଏଆଇସିସିଟିୟୁର ମହେନ୍ଦ୍ର ପରିଡ଼ା, ୟୁଟିୟୁସିର ପୂର୍ଣ୍ଣଚନ୍ଦ୍ର ବେହେରା, ଏଚଏମଏସର ସଂଯୁକ୍ତା ମହଲ ଓ ଫରୱାର୍ଡ ବ୍ଲକର ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରାକାରୀମାନେ ମାଷ୍ଟରକ୍ୟାଂଟିନ ଅତିକ୍ରମ କରି ପିଏମ୍‌ଜି ଆଡ଼କୁ ଯିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପିଏନ)- ଭାରତ ବର୍ଷରେ ସମାଜବାଦୀ ଆନ୍ଦୋଳନ ଓ ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜନ୍ମ ଜୟନ୍ତୀ ଆଜି ସାମାଜିକ ଦୂରତା ରକ୍ଷା କରାଯାଇ ପାଳନ କରାଯାଇଛି । ଭୁବନେଶ୍ୱର ରେଲଷ୍ଟେସନ୍ ନିକଟରେ ଥିବା ଲୋକନାୟକଙ୍କ ପ୍ରତିମୂର୍ତିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ହିନ୍ଦ୍ ମଜଦୁର୍ ସଂଘ ତରଫରୁ ପଂଚାନନ ସେନାପତି, ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍ ସଂଯୋଜକ ଲକ୍ଷ୍ମୀଧର ବେହେରା, ସାମାଜିକ ନ୍ୟାୟ ଆନ୍ଦୋଳନ ପ୍ରବକ୍ତା ପ୍ରଭାସ ସାମନ୍ତରାୟ, ସଂସ୍କୃତି ପ୍ରେମୀ ନଗେନ୍ କୁମାର ନାୟକ, ଯାଜ୍ଞସେନ ପଣ୍ଡା, ଅଖିଳ ସ୍ୱାଇଁ, ପ୍ରଶାନ୍ତ ଜେନା, ଶିଶିର ନାୟକ, ତିମିର ନାୟକ, ବେଦବିଦ୍ୱାନ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତଜ୍ଞ ବଶିଷ୍ଠ ନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ପ୍ରଥମେ ବାମପନ୍ଥୀ ଚିନ୍ତାଧାରା ଓ ପରବର୍ତୀ ଅବସ୍ଥାରେ ସମାଜବାଦ ଚିନ୍ତାଧାରା ମାଧ୍ୟମରେ ଦଳିତ, ନିଷ୍ପେସିତ ଜନସାଧାରଣଙ୍କୁ ଶୋଷଣମୁକ୍ତ କରିବା ସହିତ କୃଷକ, ଶ୍ରମିକ ଓ ନିର୍ଯ୍ୟାତିତ ହେଉଥିବା ଜନସାଧାରଣଙ୍କ କଲ୍ୟାଣ ପାଇଁ ସଦା ସର୍ବଦା ସଂଘର୍ଷ ଜାରି ରଖିଥିଲେ । ଗଣତନ୍ତ୍ରର ସୁରକ୍ଷା ପାଇଁ ଜୟପ୍ରକାଶ ନାରାୟଣ ସମଗ୍ର ଦେଶରେ ସମ୍ପୂର୍ଣ୍ଣ କ୍ରାନ୍ତି ମାଧ୍ୟମରେ ଯେଉଁ ଜନଆନ୍ଦୋଳନ ଗଢିତୋଳିଲେ ତାହାର ପ୍ରଭାବ ସ୍ୱରୂପ ୧୯୭୭ ମସିହାରେ ପ୍ରଥମ ଅଣକଂଗ୍ରେସ ସରକାର କେନ୍ଦ୍ରରେ ଗଠନ ହୋଇପାରିଥିଲା । ମାତ୍ର ଅଣକଂଗ୍ରେସ ଶକ୍ତିଙ୍କ ମଧ୍ୟରେ ଥିବା ବିଚାରଧାରାର ସମନ୍ୱୟ ଅଭାବରୁ ଏକ ଧର୍ମନିରପେକ୍ଷ ଅଣକଂଗ୍ରେସ ଶାସନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଲା । ସାମ୍ପ୍ରତିକ ସ୍ଥିତିରେ ଦେଶରେ ସମସ୍ତ ଧର୍ମନିରପେକ୍ଷ ଓ ଅଣକଂଗ୍ରେସ ଶକ୍ତି ଏକାଠି ହେଲେ ଗଣତନ୍ତ୍ରର ସୁରକ୍ଷା ସହିତ ଦେଶର ଧର୍ମନିରପେକ୍ଷତା ବଜାୟ ରହିପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

### ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

## ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

## ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK






## ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ, ଭୁବନେଶ୍ୱର ପ୍ରତାପ କ୍ଲବ ଚାମ୍ପିଅନ




ଧର୍ମଶାଳା,(ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ପ୍ରତାପ କ୍ଲବ ଚାମ୍ପିଅନ ହୋଇଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟର ବୁଧବାର ଫାଇନାଲ ମ୍ୟାଚରେ ପ୍ରତାପ କ୍ଲବ ଭୁବନେଶ୍ୱର ଓ ସନସାଇନ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକର ଜରିଆରେ ୩/୪ ଗୋଲରେ ଭୁବନେଶ୍ୱର ଟିମ ଚମ୍ପିଅନ ହୋଇଛି । ପ୍ରଥମାର୍ଦ୍ଧରେ କଟକ ଟିମ ୨/୦ ଗୋଲରେ ଅଗ୍ରଣୀ ରହିଥିବା ବେଳେ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଟିମ ୨ଟି ଗୋଲ ଦେବା ଫଳରେ ମ୍ୟାଚ ଡ୍ର ହୋଇଥିଲା । ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା । ଏଥିରେ ଭୁବନେଶ୍ୱର ଟିମ ୪/୩ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷ ପାଇଁ ଚମ୍ପିଅନ ହୋଇଛି । ଆଜିର ମ୍ୟାଚକୁ ଚିତରଂଜନ ଓଝା ଓ ସେକ ସଲିମ ଅହମ୍ମଦ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ସୁଲତାନା ପରୱିନ ଲାଇନରେ ସହାୟତା କରିଥିଲେ । ଡିଫାର କାର୍ଯ୍ୟକାରୀ ସଭାପତି କାସୀନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ସମାଜସେବୀ ସନ୍ତୋଷ କୁମାର ଜେନା, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, କ୍ରୀଡାବିତ ପ୍ରଫୁଲ୍ଲ କୁମାର ମହାନ୍ତି, ଯୁବ ସଙ୍ଗଠକ ମଦନ ନାୟକ ଯୋଗଦେଇଲେ ବିଜୟୀ ଭୁବନେଶ୍ୱର ଟିମକୁ ଚମ୍ପିଅନ ଓ ରନର୍ସଅପ କଟକ ଟିମକୁ ରନର୍ସ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଟିମର ଦାରା ସିଂ ମ୍ୟାନଅଫଦି ମ୍ୟାଚ ଓ ଭୁବନେଶ୍ୱର ଟିମର ବବୁଲ ରାଉତଙ୍କୁ ଟୁର୍ଣ୍ଣାମେଂଟର ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ କରାଯାଇଥିଲା । ଡିଫାର ଉପଦେଷ୍ଟା ନବ କିଶୋର ନାୟକ, ମହମ୍ମଦ ଅଜିଜୁଲ୍ଲା,ମ୍ୟାନେଜର ପ୍ରଫୁଲ୍ଲ କୁମାର କବି, କୋଚ ପ୍ରମୋଦ କୁମାର ଲାଲା, ସହସମ୍ପାଦକ ଦେବେନ୍ଦ୍ର ଜେନା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି, ସଦସ୍ୟ ପର୍ଶୁରାମ ମହାନ୍ତି, ତାରିଣୀ ପ୍ରସାଦ ମହାନ୍ତି, ସତ୍ୟପ୍ରକାଶ ବିଶ୍ୱାଳ, ହିତେସ ଜେନା, ସେକ ୟୁନୁସ, ସେକ ଆସିଫ, ଅଦିତ୍ୟ ନାରାୟଣ ସ୍ୱାଇଁ, ସୋମ୍ୟ ରନ ବାରିକ ଓ ସୁଭନାରାୟଣ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ । ସଫଳତାର ସହିତ ଟୁର୍ଣ୍ଣାମେଟ ସମ୍ପନ୍ନ ହୋଇଥିବାରୁ ଆୟୋଜକ କ୍ଲବ ଡିଫାର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ମହିଳା ଆରୋଗ୍ୟ ସମିତି ପୁରସ୍କୃତ

ପାରାଦୀପ,(ପି.ଏନ):ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ବୁଧବାର ଦିନ ଜଗତସିଂହପୁରର ଆଦିକବି ଶାରଳା ଦାସ ଭବନ ପରିସରରେ ପୁରସ୍କାର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ସଦସ୍ୟା ଓ କର୍ମକ□ମାନେ ଏହି ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇଥିଲେ । ପାରାଦୀପର ବିଭିନ୍ନ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ ଏହି ଉତ୍ସବରେ ଯୋଗ ଦେଇଥିବା ବେଳେ ବଡପଡିଆ ୧୫ ନମ୍ବର ଓାର୍ଡର ଶ୍ରୀ ଜଗନ୍ନାଥ ମହିଳା ଆରେଗ୍ୟ ସମିତିକୁ ଏହି ସମାରୋହରେ ପୁରସ୍କୃତ କରାଯାଇଥିଲା । ଶ୍ରୀ ଜଗନ୍ନାଥ ମହିଳା ଆରେଗ୍ୟ ସମିତିର ସଭାନେତ୍ରୀ ପୁଷ୍ପାଂଜଳୀ ମିଶ୍ର ଏହି ଉତ୍ସବରେ ଯୋଗ ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଠାରୁ ଏହି ପୁରସ୍କାର ଓ ସମ୍ମାନ ଗ୍ରହଣ କରିଥିଲେ । ଓାର୍ଡର ବିଶେଷ ଭାବେ ମହିଳା ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ସହିତ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଭି□କ କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ମହିଳା ଆରେଗ୍ୟ ସମିତି ସଫଳତାର ସହ କାର୍ଯ୍ୟ କରି ଆସୁଛି । ମହାମାରୀ କରୋନା ସମୟରେ ରାସ୍ତାକଡରେ ରହୁଥିବା ଲୋକମାନଙ୍କୁ

## ଏଡିଏମଙ୍କ ସ୍ୱାକ୍ଷରକୁ ଜାଲ କରି ପଟ୍ଟାମୁଣ୍ଡାଇ ମହିଳା କଲେଜରେ ନିଯୁକ୍ତି ପ୍ରଦାନ ଅଭିଯୋଗ

କେନ୍ଦ୍ରାପଡ଼ା,୩୦।୩ :କେନ୍ଦ୍ରାପଡାର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱାକ୍ଷରକୁ ଜାଲ କରାଯାଇ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଘଟଣାକୁ ନେଇ ବୁଧବାର ଅପରାହ୍ନରେ ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ଓ ସାମାଜିକ କର୍ମୀ ଅମରବର ବିଶ୍ୱାଳ ଯୋଗଦେଇ କହିଥିଲେ ଯେ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟଟି ଯୁବତୀ ଓ ମହିଳାଙ୍କ ଶିକ୍ଷାଦାନ ପାଇଁ ଏକ ମହତ ଉଦେଶ୍ୟରେ ସ୍ଥାପନ କରାଯାଇଥିଲା । କିନ୍ତୁ ଗତ କିଛି ବର୍ଷ ହେବ ସେହି ଶିକ୍ଷାନୁଷ୍ଠାନରେ ନିଯୁକ୍ତିରେ ଜାଲିଆତି, ଦୁର୍ନୀତି ଓ ଅନିୟମିତତା ଯୋଗୁଁ ତାହା ବିବାଦ ସ୍ଥଳରେ ପରିଣତ ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଥିଲେ ଯେ କେନ୍ଦ୍ରାପଡାର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ପଣ୍ଡାଙ୍କ ସ୍ୱାକ୍ଷରକୁ ଜାଲ କରାଯାଇ ସେହି କଲେଜରେ କେତେକ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାଇ ଏଡିଏମ ଶ୍ରୀ ପଣ୍ଡା ଗତ ୩୧.୦୫.୨୦୧୩ରିଖରେ କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ପଦରୁ ଭାରମୁକ୍ତ ହୋଇଥିବା ବେଳେ ଗତ ତା ୧୦.୦୬.୨୦୧୩ରିଖରେ ପଟ୍ଟାମୁଣ୍ଡାଇ ମହିଳା କଲେଜ ପରିଚାଳନା କମିଟି ବୈଠକ ରେଜୁଲେସନରେ ସଭାପତି ଭାବେ ତାଙ୍କ ସ୍ୱାକ୍ଷରକୁ ଜାଲ କରାଯାଇ କେତେକ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସେହି କଲେଜରେ ନିଯୁକ୍ତି ପ୍ରଦାନ କରାଯାଇଛି । ଏତଦବ୍ୟତିତ କଲେଜ କ□ୃପକ୍ଷ କେତେକ ବିଭାଗରେ ଅଧ୍ୟାପକ ନିଯୁକ୍ତି ପାଇଁ ଗତ ତା ୧.୦୮.୨୦୧୩ରିଖରେ ଏକ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିଥିଲେ । ସେହି ଅନୁଯାଇ କଲେଜର ଇତିହାସ ବିଭାଗରେ ବନ୍ଦନା ରାଉତଙ୍କୁ ଅଧ୍ୟାପିକା ଭାବେ ନିଯୁକ୍ତି ପ୍ରଦାନ କରାଯାଇ ଗତ ୧୪.୦୮.୨୦୧୩ରୁ ସେ ଦରମା ନେଇଥିବା ଦର୍ଶାଯାଇଥିବା ବେଳେ ଏହାର ଦୁଇବର୍ଷ ପରେ ଅର୍ଥାତ ଗତ ୧୭.୦୭. ୨୦୧୫ରିଖରେ ଅଧ୍ୟାପକ ଭାବେ ରମେଶ ଦେଠିଙ୍କୁ ଗତ ୧୪.୦୮.୧୩ରିଖରୁ ପିଛିଲା ଭାବେ ନିଯୁକ୍ତି ଦିଆଯାଇଥିବା ଦର୍ଶାଯାଇଛି । ଉଚ୍ଚଶିକ୍ଷା ଆ□ଳିକ ନିର୍ଦ୍ଦେଶକଙ୍କୁ ଗତ ୨୪.୮.୨୦୧୩ରିଖରେ ତତକାଳୀନ କଲେଜ ଅଧକ୍ଷ ପ୍ରଦ□ ସତ୍ୟପାଠରେ କଲେଜ ଇତିହାସ ବିଭାଗରେ ଅଧ୍ୟାପିକା ବନ୍ଦନା ରାଉତ ଏକମାତ୍ର ଅଧ୍ୟାପିକା ଥିବା ଦର୍ଶାଇଥିଲେ । ତେଣୁ ସେହି ବିଭାଗରେ ଅଧ୍ୟାପକ ଶ୍ରୀ ଦେଠିଙ୍କ ନିଯୁକ୍ତି ସଂପୂର୍ଣ୍ଣ ଜାଲିଆତି ବୋଲି ଅଭିଯୋଗ ହୋଇଛି । ଓଡିଶା ବିଧାନ ସଭାରେ ପ୍ରଶ୍ନ ନଂ- ୧୫୯୪/ ୨୦୧୪ରେ ଏନେଇ ପ୍ରଶ୍ନ ଉଠିଥିବା ବେଳେ ତତକାଳୀନ କଲେଜ ଅଧକ୍ଷ ଉ□ର ଦେଇଥିଲେ ଯେ କଲେଜ ଇତିହାସ ବିଭାଗରେ ଜଣେମାତ୍ର ଅଧ୍ୟାପିକା ବନ୍ଦନା ରାଉତ ଅଛନ୍ତି ବୋଲି । ବ□ମାନର କଲେଜ ଅଧକ୍ଷ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ପୂର୍ବତନ ଷ୍ଟେନୋ ଏହି ନିଯୁକ୍ତି ଜାଲିଆତିର ସମସ୍ତ ରେକର୍ଡକୁ ନଷ୍ଟ କରିଦେବା ପାଇଁ ଚେଷ୍ଟା କରୁଥିବା ମଧ ଅଭିଯୋଗ ହୋଇଛି । ତେଣୁ ଏସବୁ ଘଟଣାକୁ ନେଇ ସେହି କଲେଜରେ ହୋଇଥିବା ନିଯୁକ୍ତି ଜାଲିଆତି ଓ ଦୁର୍ନୀତିର ବିଧିବଦ୍ଧ ତଦନ୍ତ କରାଯିବାକୁ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରି ଉଭୟ ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ଓ ସାମାଜିକ କର୍ମୀ ଶ୍ରୀ ବିଶ୍ୱାଳ ଦାବି କରିଛନ୍ତି ।

## ବାଲିରେ ପୋତି ହୋଇପଡିଲାଣି ରେଲୱେ ଓଭରବ୍ରିଜ

ଚଣ୍ଡିଖୋଲ, (ପିଏନ)–୫୩ ନ ଜାତୀୟ ରାଜପଥର ଚଣ୍ଡିଖୋଲ ନିକଟସ୍ଥ ଖୋସାଲିପୁର ରେଲୱେ ଓଭରବ୍ରିଜ ରାସ୍ତା ଏବେ ବିପଦସଂଙ୍କୁଳ ହୋଇପଡ଼ିଅଛି.ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଗଦାଗଦା ବାଲି ଆଉ ଗୋଡି ସବୁ ଜମିରହିବା ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି.ପ୍ରତିଦିନ ଏହି ରାସ୍ତାଦେଇ ଶତାଧିକ ଭାରୀଯାନ ପଡୋଶୀ କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରୁ ଲୁହାପଥର ଓ କ୍ରୋମ ପଥର ନେଇ ପାରାଦୀପ ବନ୍ଦରକୁ ପରିବହନ କରିଥାନ୍ତି.ଭାରୀଯାନ ଚଳପ୍ରଚଳକଲାବେଳେ ବାଲି ଗୋଡିସବୁ ଛିଟିକି ବାଇକ ଆରୋହୀଙ୍କ ଆଖିରେ ପଡି ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଛି.ଏବେ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ପ୍ରତିଦିନ ଏହି ରାସ୍ତାଦେଇ ଜାତୀୟରାଜପଥର ଉଚ୍ଚପଦସ୍ଥ କର୍ତ୍ତୃପକ୍ଷ ଯିବାଆସିବା କରୁଥିଲେ ସୁଦ୍ଧା ଏହି ସବୁ ସମସ୍ୟା ସେମାନଙ୍କର ଦୃଷ୍ଟିରେ ପଡୁନାହିଁ.ଏହି ରାସ୍ତାରେ ମଧ ସ୍ଥାନେସ୍ଥାନେ ଖାଲସୃଷ୍ଟିହେବାଫଳରେ ନିକଟ ଭବିଷ୍ୟତରେ ବାଇକରୁ ଖସିପଡି ଦୁଇଟି ଅମୁଲ୍ୟ ଜୀବନ ଚାଲିଯାଇଥିଲା.ଜାତୀୟ ରାଜପଥରେ ଥିବା ଓଭରବ୍ରିଜ ରାସ୍ତାକୁ ସଫା କରିବାପାଇଁ ପ୍ରତିବର୍ଷ ଟେଣ୍ଡର ମାଧ୍ୟମରେ ଲକ୍ଷାଧିକ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ଟେଣ୍ଡର ନେଇଥିବା ଠିକାଦାର ଏହାକୁ ଅଣଦେଖା କରୁଥିବାରୁ ଏପରି ସମସ୍ୟା ଉପୁଜୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି.ନିକଟରେ ବାରୁଣାବନ୍ତ ପର୍ବତରୁ ବହୁସମୟରେ ପବନ ବହିବାଯୋଗୁ ଓଭରବ୍ରିଜରେ ପଡିଥିବା ବାଲି ଉଡି ଯାତ୍ରୀମାନଙ୍କ ଆଖିରେ ପଡିବାଯୋଗୁ ବହୁ ସମୟରେ ଦୁଇଚକିଆ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି.ଏଥିପ୍ରତି ଜାତୀୟ ରାଜପଥର ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବୀହେଉଅଛି.

## ଧର୍ମଶାଳା ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର

ଧର୍ମଶାଳା, (ପିଏନ୍): ଧର୍ମଶାଳା ପଂଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମାହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମିଣ କର୍ମନିଯୁକ୍ତି ଯୋଜନା ଓ ଖାଦ୍ୟ ସୁରକ୍ଷା ଅଧିକାର ଆଇନ ଅଧିନରେ ୨୦୨୧ ଆର୍ଥିକ ବର୍ଷର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଧର୍ମଶାଳା ବିଡିଓ ଅରବିନ୍ଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଯଜପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧ୍ୟକ୍ଷା ବିଶ୍ୱବିଜୟୀନୀ ମିଶ୍ର ପ୍ରମୁଖ ଯୋଗଦେଇ ଆଗାମୀ ଆର୍ଥିକ ବର୍ଷ ପାଇଁ ମନରେଗାର ସଫଳ ରୁପାୟନ ସହ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ନେଇ ପରାମର୍ଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଭାଗ୍ୟଧର ସେଠୀ, ସ୍ମୃତିରେଖା ବେହେରା, ପ୍ରଣତୀ ଲେଙ୍କା, ସୁଧାଂଶୁ ଭୁଷଣ ସାହୁ ଓ ସମସ୍ତ ପଂଚାୟତର ସରପଂଚ ସମିତି ସଭ୍ୟ/ସଭ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏବିଡିଓ ଅସିତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।

## ପାରାଦୀପ ପୌର ପରିଷଦର ଅଧକ୍ଷ ଭାବେ ବସନ୍ତଙ୍କ ଦ୍ୱିତୀୟ ଇଂନିସ୍ ଆରମ୍ଭ

ପାରାଦୀପ,(ପି.ଏନ): ପାରାଦୀପ ପୌର ପାଳିକାର ଅଧକ୍ଷ ଭାବେ ବୁଧବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି ବସନ୍ତ ବିଶ୍ୱାଳ । ଶାସକ ବିଜୁ ଜନତା ଦଳର ନଗର ବିଜେଡି ସଭାପତି ତଥା ପୂର୍ବତନ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଦ୍ୱିତୀୟ ଥର ପାଇଁ ପାରାଦୀପ ପୌର ପାଳିକାର ଅଧକ୍ଷ ଭାବେ ବହୁ ଭୋଟରେ ବିଜୟୀ ହୋଇଛନ୍ତି । ଚଳିତ ପୌର ନିର୍ବାଚନରେ ବିଜେଡିର ନୈରାଶ୍ୟଜନକ ସ୍ଥିତି ଦେଖିବାକୁ ମିଳିଛି । ୨୦୧୫ ମସିହାରେ ଅନୁଷ୍ଠିତ ହୋଇଥିବା ପୌର ନିର୍ବାଚନରେ ଦଳ ୧୬ ଟି ଆସନ ଲାଭ କରିଥିବା ବେଳେ ଏଥର ଆସନ ସଂଖ୍ୟା ୭କୁ ଖସି ଆସିଛି । ଅପରପକ୍ଷରେ ସ୍ୱାଧୀନ ପ୍ରାର୍ଥୀମାନେ ୮ଟି , ବିଜେପି ୩ଟି ଆସନ ଏବଂ କଂଗ୍ରେସ ଗୋଟିଏ ଆସନ ହାସଲ କରିଛି । ବୁଧବାର ଦିନ ପୂର୍ବାହ୍ନରେ ପାରାଦୀପ ସହରର ଅଠରବାଙ୍କୀ ଠାରୁ ଏକ ବିରାଟ ପଟୁଆର ବାହାରିଥିଲା । ସହରର ପ୍ରମୁଖ ସ୍ଥାନ ଗୁଡିକ ଅତିକ୍ରମ କରି ଏହି ଶୋଭାଯାତ୍ରା ପୌର ପ୍ରଶାସନିକ ଭବନରେ ପହଂଚିଥିଲା । ପୌର ପ୍ରଶାସନର ସମ୍ମିଳନୀ କକ୍ଷରେ ନବ ନିର୍ବାଚିତ ପାରିଷଦମାନଙ୍କୁ ନିର୍ବାହୀ ଅଧିକାରୀ ସୈରିନ୍ଦ୍ର କୁମାର ରାଉତରାୟ ଭବ୍ୟ ସ୍ୱାଗତ କରିଥିଲେ । ପୌରାଧକ୍ଷ ଭାବେ ନିର୍ବାଚତି ହୋଇଥିବାରୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀର ଶ୍ରୀ ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇଥିଲେ । ପାରାଦୀପ ପୌର ପାଳିକା ରାଜ୍ୟର ବି□ଶାଳୀ ପୌର ପାଳିକା ହୋଇଥିବାରୁ ପାରାଦୀପ ଅଂଚଳର ସର୍ବାଙ୍ଗୀନ ଉନ୍ନତିରେ ବାଧା ସୃଷ୍ଟି ହେବ ନାହିଁ ବୋଲି କହିଥିଲେ ଡ.ଧୀର । ଅଧକ୍ଷ ଭାବେ ପାରାଦୀପର ସର୍ବାଙ୍ଗୀନ ବିକାଶ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ନବ ନିର୍ବାଚିତ ପାରିଷଦମାନେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହା ପରେ ଶ୍ରୀ ବିଶ୍ୱାଳ ତାଙ୍କ ପ୍ରକୋଷ୍ଟକୁ ଯାଇ ଦାୟିତ୍ୱ ଗ୍ରହଣ କରିଥିଲେ । ପୌର ପରିଷଦର କର୍ମଚାରୀମାନେ ନୂତନ ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

## ଧର୍ମଶାଳା ମୁନସୀ ମେଲଣ କମିଟି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ




ଧର୍ମଶାଳା, (ପିଏନ୍): ଧର୍ମଶାଳା ମୁନସୀମେଲଣ କମିଟି ପକ୍ଷରୁ ଆଜି ହାଟପଡିଆରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଥାନା ଅଧିକାରୀ ରାକେଶ ତ୍ରିପାଠୀ, ମୁନସୀମେଲଣ କମିଟିର ସମ୍ପାଦକ ଜଳଧର ମହାନ୍ତି,ସହ ସମ୍ପାଦକ ପ୍ରମୋଦ କୁମାର ଦାସ, ଚୋରମୁହାଁ ସରପଂଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଚହଟା ସରପଂଚ ପ୍ରତିନିଧି ବିଚିତ୍ର କୁମାର ସ୍ୱାଇଁ, ସାମାଜିକ କର୍ମୀ ନାରାୟଣ ମଲିକ, କମିଟିର ପ୍ରମୁଖ କର୍ମକର୍ତ୍ତା ଓ ପୁଲିସ କର୍ମଚାରୀମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗତ ୨୨ ତାରିଖରେ ହାଟପଡିଆରେ ଅନୁଷ୍ଠିତ ମୁନସୀ ମେଲଣରେ ପଡିଆଟି ଅପରିଷ୍କାର ହୋଇ ପଡିଥିଲା । ଆଜି ଏହାକୁ କମିଟି ପକ୍ଷରୁ ସଫେଇ କରାଯାଇଥିଲା ।


# ADMISSION OPEN

MAHARISHI PUBLIC SCHOOL
STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE
- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL
PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015
PH : (0674) 2558884 2550786, 9348320060
E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray